ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୬ ଏପ୍ରିଲ, ୨୦୨୧

## ଛତିଶଗଡ଼ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା ଅଫିସ:** ରାଷ୍ଟ୍ର ନିର୍ମାଣ ଅଭିଯାନର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଛତିଶଗଡ଼ ରାଜ୍ୟ ବିଜାରପୁରଠାରେ ମାଓବାଦୀଙ୍କ ସହ ଲଢ଼ି ଶହୀଦ ହୋଇଥିବା ୨୨ ଯବାନଙ୍କୁ ସୋମବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମାତୃଦତ୍ତ ମହାନ୍ତିଙ୍କ ଅଧକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାରେ ଅନୁଷ୍ଠାନର ସଦସ୍ୟମାନେ ମହମବତୀ ଜାଳି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହି ଶହୀଦଙ୍କ ବଳିଦାନ ଭାରତ ଦେଶ କାଳକାଳକୁ ମନେ ରଖିବେ ବୋଲି ଅନୁଷ୍ଠାନର ସମ୍ପାଦକ ପଙ୍କଜ ସିହ୍ନା ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ବିକାଶ ସ୍ୱାଇଁ ଓ ରଶ୍ମିରଞ୍ଜନ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ଛାତ୍ରଙ୍କ ମୃତଦେହ ଜବତ

ପାରାଦୀପ, ୫।୪(ସ୍ୱ.ପ୍ର.): ପାରାଦୀପ ଷଣ୍ଢକୁଦ ବସ୍ତିର ନୋଳିଆସାହିରେ ସୋମବାର ସନ୍ଧ୍ୟାରେ ଜଣେ ଛାତ୍ରଙ୍କ ମୃତଦେହ ମିଳିଛି। ଜଟାଧାର ମୁହାଁଣ ସାମୁଦ୍ରିକ ପୋଲିସ ଏହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଥାନାରେ ଅପମୃତ୍ୟୁ ମାମଲା (ନଂ.୨/୨୧)ରୁଜୁ ହୋଇଛି। ମୃତକ ହେଲେ ପି.ପର୍ଶୁରାମଙ୍କ ସାନପୁଅ ପି.ଚିନୁରାଓ(୧୮)। ମା'ବାପା ମନ୍ଦିରକୁ ଯାଇ ଫେରିବା ପରେ ଘର ଭିତରେ ପୁଅର ମୃତଦେହ ଝୁଲୁଥିବା ଦେଖିଥିଲେ। ସେମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ପୋର୍ଟ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ।

### କୁକୁଡା ଫାର୍ମ ଜଳିଗଲା: ୨୨୦୦ ଜୀବନ୍ତଦଗ୍ଧ



ରାଜନଗର, ୫।୪ (ଡି.ଏନ.ଏ.): ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତ ନୁରୁଗାଁରେ ଥିବା ଏକ କୁକୁଡା ଫାର୍ମରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଫାର୍ମରେ ଥିବା ୨୨ଶହରୁ ଉର୍ଦ୍ଧ୍ୱ କୁକୁଡା ଗୁଡିକ ଜୀବନ୍ତଦଗ୍ଧ ହୋଇଯାଇଛି। ଏଥିସହ ଫାର୍ମରେ ଥିବା କୁକୁଡା ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଖବର ପାଇ ରାଜନଗର ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ହେଲେ ସେତବେଳକୁ ଫର୍ମଟି ପୋଡିଯାଇଥିଲା। ଫାର୍ମରେ ନିଆଁ ଲାଗିବା ଦେଖି ଗାଁ ଲୋକମାନେ ନିକଟକୁ ଆସିଥିଲେ ମଧ ପ୍ରଚଣ୍ଡ ତାତି ଯୋଗୁ ସେମାନେ କିଛି କରିପାରି ନ ଥିଲେ। କୁକୁଡା ଫାର୍ମର ମାଲିକ କଳ୍ପତରୁ ବଳ ନିଜ ପରିବାର ପ୍ରତିପୋଷଣ ପାଇଁ ଧାରକରଜ କରି ଫାର୍ମ କରିଥିଲେ।

### କେରୁଆଁପାଳ ପଞ୍ଚାୟତ ୪ ନଂ. ୱାର୍ଡସଭ୍ୟା ପାଇଁ ପ୍ରାର୍ଥିପତ୍ର ଦାଖଲ

ରାଜନଗର, ୫।୪ (ଡି.ଏନ.ଏ.): ରାଜନଗର ବ୍ଲକ କେରୁଆଁପାଳ ପଞ୍ଚାୟତର ୪ ନଂ. ୱାର୍ଡର ସଭ୍ୟା ପଦ ପାଇଁ ଉପନିର୍ବାଚନ ହେବ। ଏଥିପାଇଁ ସୋମବାର ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜଣେ ପ୍ରାର୍ଥିନୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଚଳିତମାସ ୨୮ ତାରିଖରେ ଭୋଟ ଗ୍ରହଣ ହେବ। ସୂଚନାଯୋଗ୍ୟ, ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ୱାର୍ଡରୁ ନିର୍ବାଚିତ ହୋଇଥିବା ସଭ୍ୟା ପରେ ଇସ୍ତଫା ଦେଇଥିଲେ। ଫଳରେ ଏହି ପଦବୀ ଖାଲି ରହିଥିଲା। ନିର୍ବାଚନ ବିଧି ବ୍ୟବସ୍ଥାରେ ଏହି ଉପନିର୍ବାଚନ ହେବ ବୋଲି ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧର୍ମାନନ୍ଦ ଦାସ ସୂଚନା ଦେଇଛନ୍ତି।

# ମିଳୁନି ପାଣି, ଗ୍ରାମବାସୀଙ୍କ ଧାରଣା

କୁଜଙ୍ଗ/ଏରସମା, ୫।୪ (ଡି.ଏନ୍.ଏ./ସ୍ୱ.ପ୍ର.)



କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

ଦିନକୁଦିନ ଗ୍ରୀଷ୍ମ ତାତି ବଢୁଥିବା ବେଳେ ଜଗତ୍ସିଂହପୁର ଜିଲାରେ ପିଇବା ପାଣି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଏନେଇ ଲୋକଙ୍କ ମଧରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ପାନୀୟ ସମସ୍ୟାର ସମାଧାନ ଦାବିରେ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ଆଗରେ ପଣ୍ଡୁଆ ପଞ୍ଚାୟତସ୍ଥିତ ଅଢାଙ୍କୁର ଗ୍ରାମ ହରିଜନ ସାହିର ମହିଳା ଓ ପୁରୁଷମାନେ ଗରା ଓ ବାଲ୍ଟି ରଖି ଧାରଣା ଦେଇଥିଲେ। ଏରସମାସ୍ଥିତ ପାନୀୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଜପା ପଞ୍ଚାୟତର ୩ ଗ୍ରାମବାସୀ ଧାରଣା ଦେଇଥିଲେ। କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାରେ ସାମାଜିକ ସଙ୍ଗଠନ ପରିବର୍ତ୍ତନ ଯୋଦ୍ଧା ସଭାପତି ପରମବ୍ରହ୍ମ ରାଉତ ନେତୃତ୍ୱ ନେଉଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ନପଙ୍ଗ ଗ୍ରାମରୁ ଅଢାଙ୍କୁର ଗ୍ରାମକୁ ପାଇପ ଯୋଗେ ପିଇବା ପାଣି ଯୋଗାଇବା ପାଇଁ ବ୍ୟବସ୍ଥା ଅଛି। ଏହାସତ୍ତ୍ୱେ ଅଢାଙ୍କୁର ଗ୍ରାମକୁ ପାଣି ପହଞ୍ଚି ପାରୁନାହିଁ। ଏହି ଗ୍ରାମରେ ଥିବା ନଳକୂପ ଅଚଳ ହୋଇଯାଇଛି। ଫଳରେ ପିଇବାପାଣି ପାଇଁ ପଡ଼ୋଶୀ ପଞ୍ଚାୟତ ବଣିତୋରସ୍ଥିତ ମଠସାହି ଉପରେ ନିର୍ଭର କରିବାକୁ ପଡୁଛି। ଏନେଇ ବାରମ୍ବାର ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ ସୁଫଳ ମିଳୁନାହିଁ ବୋଲି ଧାରଣା ଦେଇଥିବା ରିନା ମଲ୍ଲିକ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବିଡିଓ ଅମିୟ କୁମାର ପଣ୍ଡା କହିଛନ୍ତି, ଏହି ଗ୍ରାମ ପାଇଁ ସ୍ୱତନ୍ତ୍ର ପାଇପ୍ ଲାଇନ ବ୍ୟବସ୍ଥା ହୋଇଛି।

ମଙ୍ଗଳବାର ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରିବା ପରେ ଦ୍ରୁତ ବେଗରେ ପାଣି ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ।

**■ନଳକୂପ ଅଚଳ ହୋଇଯାଇଛି**
**■୮ ବର୍ଷ ତଳେ ପାଇପ୍ ଲାଇନ୍ ବିଛାଯାଇଥିଲା**

ସେହିପରି ଏରସମାସ୍ଥିତ ପାନୀୟ ଜଳ ଓ ପରିମଳ ବିଭାଗ କାର୍ଯ୍ୟାଳୟ ଆଗରେ ହୋଇଥିବା ଧାରଣାରେ ଜପା ପଞ୍ଚାୟତ ଅନ୍ତର୍ଗତ ଜପା,ଭୁଆଁସାହି ଓ ଭେଣ୍ଡାସାହି ଗ୍ରାମର ଲୋକେ ସାମିଲ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଗତ ୮ ବର୍ଷ ତଳେ ଏହି ୩ ଗ୍ରାମକୁ ମାଟି ତଳେ ପାଇପ୍ ଲାଇନ ବିଛାଯାଇ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ମାତ୍ର ମରାମତି ଅଭାବରୁ ପାଇପରେ କେତେକ ସ୍ଥାନରେ ରନ୍ଧ୍ର ସୃଷ୍ଟି ହୋଇଛି। ଫଳରେ ଗ୍ରାମବାସୀ ଆବଶ୍ୟକ ଅନୁସାରେ ପାନୀୟ ଜଳ ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଧାରଣାରେ ଅକ୍ଷୟ ଖୁଣ୍ଟିଆ, ଉମେଶ ଖଟୁଆ ଓ ସଞ୍ଜୟ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡା ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଗୋଟିଏ ଦିନ ମଧ୍ୟରେ ପାଇପ୍ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୃଦ୍ଧାଙ୍କ ଆତ୍ମହତ୍ୟା ଉଦ୍ୟମ

ଜଗତ୍ସିଂହପୁର ଅଫିସ, ୫।୪

**ଥାନାରୁ ନ୍ୟାୟ ନ ମିଳିବା ଅଭିଯୋଗ**

ଏରସମା ଥାନା ଓଲରା ଗ୍ରାମର ମାଳତୀ ମଣ୍ଡଳ ନାମକ ବୃଦ୍ଧା ସୋମବାର ଜଗତ୍ସିଂହପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଥାନରୁ ନ୍ୟାୟ ମିଳୁ ନାହିଁ ବୋଲି ମାଳତୀ ଅଭିଯୋଗ କରିଛନ୍ତି। ଏସ୍‌ପିଙ୍କ କାର୍ଯ୍ୟାଳୟର ଉପସ୍ଥିତ ପୋଲିସ କର୍ମଚାରୀମାନେ ତାଙ୍କୁ କାବୁ କରି ଜଗତ୍ସିଂହପୁର ଥାନାକୁ ନେଇଥିଲେ। ସେଠାରେ ମାଳତୀଙ୍କ ଅଭିଯୋଗ ଅନୁଯାୟୀ, ସେ ନାତିଙ୍କ ପାଖରେ ଆଶ୍ରୟ ନେଇଥିଲେ । ନାତି ତାଙ୍କ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଭୋଗ କରୁଥିଲେ ସୁଦ୍ଧା ବିଭିନ୍ନ ସମୟରେ ନିର୍ଯାତନା ଦେଉଛନ୍ତି। ଏପରି କି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଘରୁ ବାହାର କରି ଦେଇଥିଲେ। ଏନେଇ ମାଳତୀ ଏରସମା ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା କିଛି ଫଳ ମିଳି ନ ଥିଲା । ତେଣୁ ସେ ବାଧ ହୋଇ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ଦର୍ଶାଇଛନ୍ତି।



ଆତ୍ମହତ୍ୟା ଉଦ୍ୟମ କରିଥିବା ମାଳତୀ।

## ନିଗମାନନ୍ଦ ହାଇସ୍କୁଲର ବ୍ୟାପକ କ୍ଷତି, ୨ ଆହତ



କାଳବୈଶାଖୀ ପ୍ରଭାବରେ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ଆଜବେଷ୍ଟସ ଉଡିଯାଇଛି।

ରାଜନଗର, ୫।୪ (ଡି.ଏନ.ଏ.)

**ରାଜନଗରରେ କାଳବୈଶାଖୀର ତାଣ୍ଡବ**

ରବିବାର ସନ୍ଧ୍ୟାରେ କାଳବୈଶାଖୀ ରାଜନଗର ଅଞ୍ଚଳରେ ତାଣ୍ଡବ ରଚିଛି। ଅଞ୍ଚଳରେ ବହୁ ଚାଳ ଛପର ଘର ଉଡି ଯାଇଥିବାବେଳେ ରାସ୍ତା ପାର୍ଶ୍ୱରେ ଥିବା ବଡ ବଡ ଗଛ ଭାଙ୍ଗି ପଡିଛି। ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ନାଉକୋଣା ଗାଁରେ ଥିବା ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟରେ କାଳବୈଶାଖୀ ବ୍ୟାପକ କ୍ଷୟକ୍ଷତି କରିଛି। ବିଦ୍ୟାଳୟର ଆଜବେଷ୍ଟସ ଛପର ଉଡାଇ ନେବା ସହ ବହୁ ଆସବାସପତ୍ର ନଷ୍ଟ କରି ଦେଇଛି। ଫଳରେ ସୋମବାର ବିଦ୍ୟାଳୟରେ ପାଠପଢା ବାଧାପ୍ରାପ୍ତ ହୋଇଛି। ଦୀର୍ଘ ୭ମାସ ପରେ ପ୍ରବଳ ବର୍ଷା ସହ ପବନର ବେଗ ତୀବ୍ର ଥିଲା। ବିଦ୍ୟୁତ ତାର ଛିଡିଯିବା ଯୋଗୁଁ ରାଜନଗର ସମ୍ପୂର୍ଣ୍ଣ ଅନ୍ଧାରରେ ରହିଥିଲା। ରବିବାରଠାରୁ ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିଥିଲା। ଏହାର ପ୍ରଭାବରେ ବଡନାଉକୋଣା ଗ୍ରାମର ବାବାଜୀ ସାହୁଙ୍କ ଘରର ଆଜବେଷ୍ଟସ ଉଡି ଯାଇଥିଲା। ବାବାଜୀଙ୍କ ସ୍ତ୍ରୀ ବୈଶାଳୀଙ୍କ ମୁଣ୍ଡରେ ଆଜବେଷ୍ଟସ ପଡିବାରୁ ସେ ଆହତ ହୋଇଛନ୍ତି। ସେହିପରି ବଜ୍ରପାତରେ କୋଲଇପୁର ପଞ୍ଚାୟତର ବସନ୍ତପୁର ଗାଁର ଅରବିନ୍ଦ ପରିଡା ଗୁରୁତର ହୋଇପଡିଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି।

## ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା ଭିସି କ୍ୟାବିନ୍ ଉଦ୍‌ଘାଟିତ

ଜଗତ୍ସିଂହପୁର ଅଫିସ, ୫।୪

ଜିଲା ନ୍ୟାୟାଳୟ ପରିସରରେ ଆଇନଜୀବୀ ତଥା ମକଦ୍ଦମାପକ୍ଷଙ୍କ ପାଇଁ ଉଦ୍ଦିଷ୍ଟ ଭିସି କ୍ୟାବିନ୍‌କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ.ଏସ୍. ମୁରଲୀଧର ସୋମବାର ଉଦ୍‌ଘାଟନ କରିଛନ୍ତି। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆୟୋଜିତ ସମାରୋହରେ ହାଇକୋର୍ଟର ଅନ୍ୟ ବିଚାରପତିମାନେ ଯୋଗଦେଇଥିଲେ। ଜିଲା ନ୍ୟାୟାଳୟ ପକ୍ଷରୁ ଜଗତ୍ସିଂହପୁର ଜିଲା ଓ ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲା ଜଜ୍ ଇତିଶ୍ରୀ ମାଳବିକା ଭୂୟାଁ, ପରିବାର ଅଦାଲତ ବିଚାରପତି ଡ. ଜୀବନଜ୍ୟୋତି ରଥ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଦୀପା ପାତ୍ର, ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତ, ସିନିୟର ସିଭିଲ ଜଜ୍ ଶଶୀରେଖା ମିଶ୍ର, ସିନିୟର ସିଭିଲ ଜଜ୍(ଏଲ୍‌ଆର୍) ମହାଶ୍ୱେତା ପରିଜା, ମହିଳା କୋର୍ଟ ବିଚାରପତି ଅନ୍ନପୂର୍ଣ୍ଣା ନାୟକ, ସିଭିଲ ଜଜ୍ ବିଷ୍ଣୁ ପ୍ରସାଦ ଦେବତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୋର୍ଟ ମ୍ୟାନେଜର ଶେଖ୍ ଇସ୍ତାକ ଅଲ୍ଲି, ଅପର୍ଣ୍ଣା ମହାରଣା ପରିଚାଳନା କରିଥିଲେ।

## ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

କେନ୍ଦ୍ରାପଡା ଅଫିସ, ୫।୪

ଓଡ଼ିଶା ଷ୍ଟେଟ ଇଲେକ୍ଟ୍ରିସିଟି ରେଗୁଲାଟୋରି କମିଶନଙ୍କ ନିର୍ଦ୍ଦେଶକ୍ରମେ ଏପ୍ରିଲ ୪ରୁ ବିଦ୍ୟୁତ୍ ଦର ବୃଦ୍ଧି ହୋଇଛି। ଏହାକୁ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସୋମବାର ବିରୋଧ କରିଛି। ଜିଲା ସଭାପତି ଅଂଶୁମାନ ମହାନ୍ତିଙ୍କ ନେତୃତ୍ୱ ସହର ମଧରେ ବାଇକ୍ ରାଲି ଦ୍ୱାରା ସଚେତନତା, କଜଳାସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ନିର୍ବାହୀଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ମହାନ୍ତି କହିଛନ୍ତି, ଦେଶରେ ବିମୁଦ୍ରୀକରଣ କରୋନା ସଂକ୍ରମଣ ଆଦି ଘଟଣା ପରେ ଓଡ଼ିଶାବାସୀ ଆର୍ଥିକ ଦୃଷ୍ଟିରେ ବହୁତ ଦୁର୍ବଳ ଅଛନ୍ତି। ଲୋକଙ୍କର କ୍ରୟଶକ୍ତି ହ୍ରାସ ପାଇଛି। ଏହି ସମୟରେ ବିଦ୍ୟୁତ୍ ଦରବୃଦ୍ଧି ବୋଝ ଉପରେ ନଳିତା ବିଡା ପରି ହୋଇଛି। ଓଡ଼ିଶା ଏକ ବିଦ୍ୟୁତ୍ ଆମଦାନୀକାରୀ ରାଜ୍ୟ। ଏଠାରେ ବିଦ୍ୟୁତ୍ ପାଇଁ ବ୍ୟବହାର ହେଉଥିବା କୋଇଲା, ପାଣି ଶସ୍ତା ଓ ସୁବିଧାରେ ମିଳିଥାଏ। ଜଳ ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍ ପିଛା ମାତ୍ର ୩୦ ପଇସା ଖର୍ଚ୍ଚ ହେଉଥିବା ବେଳେ ରାଜ୍ୟରେ ୩ରୁ ୬.୨୦ଟଙ୍କା ଆଦାୟ ହେଉଛି। ବିଦ୍ୟୁତ୍ ଦର ବୃଦ୍ଧିକୁ ରୋକା ନ ଗଲେ ଏହି ଆନ୍ଦୋଳନ ତୀବ୍ର ହେବ ବୋଲି ସେ କହିଛନ୍ତି। ଏହି ବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ବେହୁରାଙ୍କ ସହ ଜିଲା କଂଗ୍ରେସର ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।

**ଜଗତ୍ସିଂହପୁର ଅଫିସ:** ବିମୁଦ୍ରୀକରଣ ଓ କରୋନା ମହାମାରୀ ଲୋକଙ୍କ ଜୀବନକୁ ଦୁର୍ବିସହ କରି ଦେଇଛି। ବିଶେଷକରି ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ, ଗରିବ ତଥା ବିଦ୍ୟୁତ୍ ବ୍ୟବହାରକାରୀ ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପାନୁଷ୍ଠାନର ଆର୍ଥିକ ସ୍ଥିତି ଦୋହଲି ଯାଇଛି। ଏଭିଳିସ୍ଥିତିରେ ଓଡ଼ିଶାରେ ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତ୍ ଦର ବୃଦ୍ଧି କରି ଚାଲିଛନ୍ତି। ଗତ ୭ ମାସ ମଧ୍ୟରେ ବିଦ୍ୟୁତ୍ ଦର ୫୦ପଇସା ବଢ଼ିଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ପିସିସି ଆହ୍ୱାନକ୍ରମେ ଜଗତ୍ସିଂହପୁର ଜିଲା କଂଗ୍ରେସ ପକ୍ଷରୁ ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର ଦାବିରେ ବିଭାଗୀୟ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପଠାଯାଇଛି। ଏହି ଧାରଣାରେ ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, ଉପସଭାପତି ସର୍ବେଶ୍ୱର ପଣ୍ଡା, ମହନି ଚରଣ ରାଉତ, ଜିଲା ଯୁବ କଂଗ୍ରେସ କମିଟି ସଭାପତି ପ୍ରଶାନ୍ତ ମଲ୍ଲିକ, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ଓ ନଗର କଂଗ୍ରେସ କମିଟି ସଭାପତି ଅଭୟ କୁମାର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ ।



କେନ୍ଦ୍ରାପଡ଼ାରେ କଂଗ୍ରେସ ପକ୍ଷରୁ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଉଛି।

## ରାସ୍ତାରୁ ଜବରଦଖଲ ଉଚ୍ଛେଦ ଦାବି

**ତିର୍ତ୍ତୋଲ ତହସିଲ ଆଗରେ ଧାରଣା**

ତିର୍ତ୍ତୋଲ,୫।୪(ଡି.ଏନ୍.ଏ.)

ତିର୍ତ୍ତୋଲ ତହସିଲ ଅଧୀନ କନିମୂଳ ପଞ୍ଚାୟତ କିଲିପାଳ ଗ୍ରାମ ଦେଇ ଯାଇଥିବା ସର୍ବସାଧାରଣ ରାସ୍ତାରୁ ଜବର ଦଖଲ ଉଚ୍ଛେଦ କରିବାକୁ ଦାବି ହୋଇଛି। ଏନେଇ ଗ୍ରାମବାସୀ ସୋମବାର ତହସିଲ କାର୍ଯ୍ୟାଳୟ ଘେରାଉ କରି ସେଠାରେ ଧାରଣା ଦେଇଥିଲେ। ପରେ ତହସିଲଦାର ସୁଜାତା ପାତ୍ରଙ୍କୁ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କୃଷ୍ଣାନନ୍ଦପୁରଠାରୁ ଶଙ୍ଖେଶ୍ୱର ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାରୁ ଗୋଚର ଆଡକୁ ଥିବା ରାସ୍ତାର କିଛି ଅଂଶକୁ ଜବର ଦଖଲ କରାଯାଇଛି। ସେଠାରେ ସ୍ଥାୟୀ ଘର ନିର୍ମାଣ କରାଯାଇଛି। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ତୁରନ୍ତ ରାସ୍ତାରୁ ଜବର ଦଖଲ ଉଚ୍ଛେଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଧାରଣାରେ କେଦାର ନାଥ ସାହୁ, ଅକ୍ଷୟ କୁମାର ସାହୁ, ମାନସ କୁମାର ସାହୁ, ରମାକାନ୍ତ ସାହୁ, ଶ୍ରୀନିବାସ ସାହୁ, ଅଜୟ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ତଦନ୍ତ ସାରିଲେ ଶିଶୁ ଅଧିକାର ସୁରକ୍ଷା ଆୟୋଗ

କେନ୍ଦ୍ରାପଡ଼ା ଅଫିସ, ୫।୪

**ସିସିଆଇରେ ଶିଶୁ ଜନ୍ମ ମାମଲା**

କେନ୍ଦ୍ରପଡ଼ ଜିଲା ମହାକାଳପଡା ବ୍ଲକ ମାର୍ଶାଘାଇ ଥାନା ଅଞ୍ଚଳର ଏକ ଶିଶୁ ଯତ୍ନ କେନ୍ଦ୍ର (ସିସିଆଇ)ରେ କର୍ମକର୍ତ୍ତାଙ୍କ ଦ୍ୱାରା ଜଣେ ମହିଳା କର୍ମଚାରୀ ଗର୍ଭବତୀ ହେବା ଓ ପରେ ଶିଶୁ ଜନ୍ମ କରିଥିବା ଅଭିଯୋଗ ହୋଇଥିଲା। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ଏହି ଅଭିଯୋଗକୁ ଭିତ୍ତି କରି ହୋଇଥିବା ମାମଲା (୧୨୧/୨୦)ର ସୋମବାର ତଦନ୍ତ କରିଛନ୍ତି। ତଦନ୍ତ ସମୟରେ ଅନ୍ୟ ଜଣେ ନାବାଳିକା ମାଆ ତାଙ୍କର ଶିଶୁ କନ୍ୟା କର୍ମକର୍ତ୍ତାମାନେ ନଖୋଜ କରିଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି। ଯାହା ସିସିଆଇ କର୍ମକର୍ତ୍ତା କାର୍ଯ୍ୟକଳାପର ଖରାପ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ତେବେ ଆୟୋଗ ଅଧକ୍ଷା ପ୍ରଧାନ ଓ ତାଙ୍କର ସହଯୋଗୀମାନେ ପ୍ରାୟ ୩ ଘଣ୍ଟା ଧରି ଅଭିଯୋଗକାରିଣୀଙ୍କଠାରୁ ଅଭିଯୋଗ ଶୁଣିଥିଲେ। ଏଥିସହ ତାଙ୍କର ବୟାନ ରେକର୍ଡ ସହ ସିସିଆଇର ଅନ୍ୟ କର୍ମଚାରୀ ଓ ଅନ୍ତେବାସୀଙ୍କୁ ପଚରାଉଚରା କରିଥିଲେ। ପରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ, ସିସିଆଇରେ ଅନୈତିକ କାର୍ଯ୍ୟ ଚାଲିଥିବା ନେଇ କିଛି ତଥ୍ୟ ମିଳିଛି। ଅଭିଯୋଗକାରିଣୀଙ୍କ ବୟାନ ଅନୁଯାୟୀ, କର୍ମକର୍ତ୍ତା ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ସହ ଅନୈତିକ କାର୍ଯ୍ୟ କରିବାରୁ ୨୦୨୦ରେ ଏକ ପୁତ୍ର ସନ୍ତାନ ଜନ୍ମ ନେଇଛି। ଏ ନେଇ ସମୀକ୍ଷା ପରେ ଜିଲାପାଳ ଓ ଏସ୍‌ପିଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯିବ। ସେହିପରି ଅନ୍ୟ ଜଣେ ନାବାଳିକା ମାଆ କହିଛନ୍ତି, ଗ୍ରାମର ଜଣେ ଯୁବକଙ୍କ ସହ ତାଙ୍କ ଝିଅର ପ୍ରେମ ସମ୍ପର୍କ ଥିଲା। ସେ ୫ ମାସର ଗର୍ଭବତୀ ଥିବା ବେଳେ ପ୍ରେମିକ ଏହାକୁ ଫାଙ୍କି ଦେଇଥିଲେ। ଫଳରେ ଏହି ସିସିଆଇରେ ରହି ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ତେବେ ଏହି ଶିଶୁକନ୍ୟାକୁ ସୁରକ୍ଷିତ ରଖିବାକୁ କହି ୪ ମାସ ହେବ ନିଖୋଜ କରିଛନ୍ତି। ଏ ନେଇ ତଦନ୍ତ କରିବାକୁ ଆୟୋଗ ଅଧକ୍ଷାଙ୍କ ନିକଟରେ ଦାବି କରିଥିଲେ। ଏ ସମ୍ପର୍କରେ ଆୟୋଗ ଅଧକ୍ଷା ପ୍ରଧାନ କହିଛନ୍ତି, ଅଭିଯୋଗପତ୍ର ଏବେ ମିଳିଛି। ଏ ନେଇ ନିଶ୍ଚିତ ତଦନ୍ତ ହେବ।

# ୧୫ ବର୍ଷ ପରେ ହଜିଲା ପୁଅ ଘରକୁ ଫେରିଲେ

ଆଳି, ୫।୪(ଡି.ଏନ୍.ଏ.)

୧୫ ବର୍ଷ ପରେ ହଜିଲା ପୁଅ ଘରକୁ ଫେରିଛି। ଏହା ସ୍ୱପ୍ନ ପରି ଲାଗୁଥିଲେ ମଧ୍ୟ ସତ ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ପୁଅକୁ ଦେଖି ମା' ବାପାଙ୍କ ପାଦ ମାଟିରେ ଲାଗୁ ନାହିଁ। ପରିବାର ଲୋକେ ଖୁସିରେ ନାଚି ଉଠିଛନ୍ତି। ଏପରି ଖୁସିରେ ସାମିଲ ହୋଇଛନ୍ତି ସାରା ଗ୍ରାମବାସୀ ।

ସମ୍ପୂର୍ଣ୍ଣ କାହାଣୀଟି ଏମିତି... । କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅଧୀନ ପତ୍ରପୁର ପଞ୍ଚାୟତର ରାଏସରପୁର ଗାଁ। ସେହି ଗାଁର ଫକୀର ଚରଣ ମହାଲିକଙ୍କ ପୁଅ ଦୀନବନ୍ଧୁ (୩୭) ୧୫ ବର୍ଷ ତଳେ ନପଙ୍ଗ ଅଞ୍ଚଳର ବଟ ସିଂ ନାମକ ଜଣେ ଚାଟ୍ ବ୍ୟବସାୟୀଙ୍କ ଦୋକାନରେ କାମ କରୁଥିଲେ । ଘଟଣା ଦିନ ଗଗୁଆଠାରେ ଯାତ୍ରା ହେଉଥିଲା । ବଟ ସେଠାରେ ନିଜ ଚାଟ୍ ଦୋକାନ ଖୋଲିଥିଲେ । ବେପାର ସରିବା ପରେ ଦୀନବନ୍ଧୁ ଓ ବଟ ଯାତ୍ରା ଦେଖିଥିଲେ । ହେଲେ ଯାତ୍ରା ଶେଷ ହେଲା ବେଳକୁ ଦୀନବନ୍ଧୁ ସେଠାରୁ କୁଆଡ଼େ ନିଖୋଜ ହୋଇଯାଇଥିଲେ। ବଟ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଦୀନବନ୍ଧୁଙ୍କୁ ପାଇ ନ ଥିଲେ । ଏ ସଂକ୍ରାନ୍ତରେ ସେ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକମାନେ ବି ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିଥିଲେ । ଏପରି କି ନଦୀ ପୋଖରୀରେ ବି ଦୀନବନ୍ଧୁଙ୍କୁ ଖୋଜା ଯାଇଥିଲା । ହେଲେ ତାଙ୍କର ପତ୍ତା ମିଳି ନ ଥିଲା । ଶେଷରେ ଏ ସଂକ୍ରାନ୍ତରେ ଆଳି ଥାନାରେ ଅଭିଯୋଗ କରାଯାଇଥିଲା । ହେଲେ ପୋଲିସ ବି ତାଙ୍କ ସନ୍ଧାନ ପାଇ ନ ଥିଲା । ଦୁଃଖରେ ଭାଙ୍ଗି ପଡ଼ିଥିଲେ ସାରା ପରିବାର । ମା'ବାପାଙ୍କ ଆଖିରୁ ଲୁହ ଶୁଖି ନ ଥିଲା । ଏମିତି ଦିନ ପରେ ଦିନ ଗଡ଼ିଚାଲିଲା । ଧୀରେ ଧୀରେ ଦୀନବନ୍ଧୁଙ୍କ ନିଖୋଜ ଘଟଣାକୁ ପରିବାର ଲୋକେ ଭୁଲିବାକୁ ଲାଗିଲେ ।



ପରିବାର ଲୋକଙ୍କ ଗହଣରେ ଦୀନବନ୍ଧୁ (ବାମରୁ ତୃତୀୟ)।

ଗତ ଶନିବାର ଏକ ଶୁଭ ଖବର ମିଳିଥିଲା । ଦୀନବନ୍ଧୁ ପୁରୀ ଜିଲା ଗୋପ ଥାନା ଅଧୀନ ବଇରୀପୁର ଗ୍ରାମର ଭଗବାନ ପରିଡ଼ଙ୍କ ଘରେ ରହୁଛନ୍ତି । ଏ କଥା ଶୁଣିବା ପରେ ପରିବାର ଲୋକଙ୍କ ଖୁସି କହିଲେ ନ ସରେ । ଗାଁରେ ଏ କଥା ପ୍ରଚାରିତ ହେବା ପରେ ଗ୍ରାମବାସୀ ଆନନ୍ଦରେ ନାଚି ଉଠିଥିଲେ । ଦୀନବନ୍ଧୁଙ୍କୁ ଘରକୁ ଫେରାଇ ଆଣିବା ପାଇଁ ରବିବାର ସକାଳେ ବାପା ଫକୀର ଓ ମା' ଉର୍ମିଳା ଭଗବାନଙ୍କ ଘରେ ପହଞ୍ଚି ଥିଲେ । ପୁଅକୁ ଦେଖି ସେମାନେ ଭାବବିହ୍ୱଳ ହୋଇଯାଇଥିଲେ । ଉଭୟଙ୍କ ଆଖିରୁ ଲୁହ ଝରିପଡିଥିଲା । ଏଣେ ବଇରୀପୁର ଗାଁ ଲୋକେ ବି ଏପରି ସ୍ଥିତିରେ ନିଜ କୋହକୁ ସମ୍ଭାଳି ପାରି ନ ଥିଲେ । ଗତ ୧୫ବର୍ଷ ଧରି ଗାଁରେ ପୁଅଟିଏ ପରି ବଢ଼ିଥିବା ଦୀନବନ୍ଧୁଙ୍କୁ ଛାଡ଼ିବାକୁ ସେମାନେ ରାଜି ହୋଇ ନ ଥିଲେ। ତଥାପି ମା'ବାପାଙ୍କ ସହିତ ଦୀନବନ୍ଧୁ ନିଜ ଜନ୍ମମାଟିକୁ ଫେରିଥିଲେ । ଦୀନବନ୍ଧୁ ନିଜ ଗାଁ ରାଏସରପୁରରେ ପହଞ୍ଚିବା ପରେ ଗ୍ରାମବାସୀ ବାଜା, ବାଣ ରୋଶଣି କରି ତାକୁ ଘରକୁ ପାଛୋଟି ନେଇଥିଲେ। ଘରେ ପହଞ୍ଚିବା ପରେ ବନ୍ଧୁ ପରିଜନ, ଗ୍ରାମବାସୀ ତାଙ୍କୁ ଦେଖିବାକୁ ଭିଡ଼ ଜମାଇଥିଲେ ।

ଦୀର୍ଘ ୧୫ବର୍ଷ ଧରି ଦୀନବନ୍ଧୁଙ୍କୁ ନିଜ ପୁଅ ପରି ପାଳିଥିବା ଭଗବାନଙ୍କୁ ରାଏସରପୁର ଗ୍ରାମବାସୀ ପ୍ରଶଂସା କରିଥିଲେ । ଆଜିର ସ୍ୱାର୍ଥପର ଦୁନିଆରେ ଭଗବାନଙ୍କ ପରି ମଣିଷ ଅଛନ୍ତି ବୋଲି ଗ୍ରାମବାସୀ କହିଥିଲେ । ଏ ସଂକ୍ରାନ୍ତରେ ଭଗବାନ କୁହନ୍ତି, ୨୦୦୬ ମସିହା କଥା । ସେ ଗୋପ କଲେଜ ଛକସ୍ଥ ଜମିରେ ଚାଷ କରୁଥିବା ବେଳେ ଦୀନବନ୍ଧୁ ସେଠାରେ ପହଞ୍ଚି ଖାଇବାକୁ ମାଗିଥିଲେ । ପାଖରେ କିଛି ଖାଇବାକୁ ନ ଥିବାରୁ ଦୀନବନ୍ଧୁଙ୍କୁ ସେ ଘରକୁ ନେଇ ଖାଇବାକୁ ଦେଇଥିଲେ । ଖାଇ ସାରିବା ପରେ ଭଗବାନ ଦୀନବନ୍ଧୁଙ୍କୁ ତୁମ ଘର କେଉଁଠି ବୋଲି ପଚାରି ଥିଲେ । ହେଲେ ସେ ଠିକ୍ ଭାବେ କୌଣସି ଉତ୍ତର ଦେଇ ପାରି ନ ଥିଲେ । ଏପରି ପରିସ୍ଥିତିରେ ଭଗବାନଙ୍କ ପାଖରେ କୌଣସି ଉପାୟ ନ ଥିଲା । ତେଣୁ ସେ ପିଲାଟିକୁ ପୁଅ ପରି ଘରେ ରଖିଥିଲେ । ଏମିତି କିଛିବର୍ଷ କଟିବା ପରେ ଭଗବାନ ଦୀନବନ୍ଧୁଙ୍କ ପରିଚୟ ପାଇବା ପାଇଁ ଅନେକ ଥର ଚେଷ୍ଟା କରିଛନ୍ତି। କାରଣ ଦୀନବନ୍ଧୁଙ୍କୁ ତାଙ୍କ ପରିବାର ଲୋକଙ୍କ ପାଖରେ ପହଞ୍ଚାଇବାକୁ ଭଗବାନ ଶପଥ କରିଥିଲେ। ଗତ ଶନିବାର ଦୀନବନ୍ଧୁ ହଠାତ୍ ନିଜ ଗାଁ ନାମ କହିଥିଲେ। ଏହାପରେ ଭଗବାନ ଇଣ୍ଟରନେଟରୁ ସର୍ଚ୍ଚ କରି କେନ୍ଦ୍ରାପଡ଼ା ଜିଲା ପତ୍ରପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସୁବ୍ରତ ବେହୁରାଙ୍କ ସହିତ ଯୋଗାଯୋଗ କରିଥିଲେ। ଶେଷରେ ଦୀନବନ୍ଧୁଙ୍କ ପରିବାର ଲୋକଙ୍କ ସହିତ ସମ୍ପର୍କ ଯୋଡ଼ି ହୋଇଥିଲା ବୋଲି ଭଗବାନ ସୂଚନା ଦେଇଛନ୍ତି ।

## ପାରାଦୀପ ବୁଲିଲେ ଏନ୍‌ଡିସିର ପ୍ରତିନିଧି ଦଳ

ପାରାଦୀପ,(ସ୍ୱ.ପ୍ର.): ନ୍ୟାଶନାଲ ଡିଫେନ୍ସ କଲେଜ (ଏନ୍‌ଡିସି)ର ଏକ ୨୦ ଜଣିଆ ପ୍ରତିନିଧି ଦଳ ସୋମବାର ପାରାଦୀପ ବନ୍ଦର ଓ ପାରାଦୀପ ରିଫାଇନାରି ବୁଲିଛନ୍ତି। ସେମାନେ ପ୍ରଥମେ ରିଫାଇନାରି ଓ ପରେ ପାରାଦୀପ ବୁଲିଥିଲେ। ଏନ୍‌ଡିସିର ନିର୍ଦ୍ଦେଶକ ମେଜର ଜେନେରାଲ ଏଚ.ବି.ପିଲାଇ ଏହି ଗସ୍ତରେ ଆସିଥିଲେ। କିନ୍ତୁ ଉକ୍ତ ଗସ୍ତ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଏହି ପ୍ରତିନିଧି ଦଳଙ୍କୁ ଏଡିଏମ୍ କାହ୍ନୁଚରଣ ଧୀର ବୁଲାଇ ଥିଲେ। ଏ ସମ୍ପର୍କରେ ଧୀର କହିଥିଲେ, ଏହା ଏକ ଷ୍ଟଡି ଟୁର ଥିଲା।

## ଆଜି କ'ଣ କେଉଁଠି

ତିର୍ତ୍ତୋଲ

- ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ପ୍ରତ୍ୟାହାର ଦାବିରେ ଗଣଧାରଣା। ତିର୍ତ୍ତୋଲ ବିଦ୍ୟୁତ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ସକାଳ ୮ଟା

## ସଂକ୍ଷେପରେ

### ଦୋକାନରେ ଅଗ୍ନିକାଣ୍ଡ

**ଚଢେଇଧରା,୫।୪(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଚଢେଇଧରା ଉପର ଛକ ସେଣ୍ଟ୍ରାଲ ବ୍ୟାଙ୍କ ଏଟିଏମ୍ ନିକଟରେ ଥିବା ଏକ ଷ୍ଟେଶନାରୀ, ଚା ଓ ପାନ ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ପୁରୁଣା ବଉଳମାଳ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ବିଦ୍ୟାଧର ପଣ୍ଡା ଦୀର୍ଘ ବର୍ଷ ହେବ ଏହି ଦୋକାନ କରି ନିଜ ଜୀବିକା ନିର୍ବାହ କରୁଥିଲେ। ସୋମବାର କୌଣସି କାରଣରୁ ଦୋକାନରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ବିଦ୍ୟାଧରଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

### ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

**ଛତିଆ,୫।୪ (ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ଚମ୍ପାପୁର ପଞ୍ଚାୟତର ବଉଳା ଗ୍ରାମର କରୁଣାକର ସାହୁଙ୍କ ୨ ବଖରା ଘର ସୋମବାର ମଧ୍ୟାହ୍ନରେ ପୋଡ଼ିଯାଇଛି। ଘରେ ଥିବା ଆସବାବପତ୍ର, ଚାଉଳ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପାଉଁଶ ହୋଇଯାଇଛି। ଖବର ପାଇ ଦମକଳ ବାହିନୀ ପହଞ୍ଚିଲା ବେଳକୁ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। କରୁଣାକର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

### ଦୌଲତପୁରରେ ଅଗ୍ନିକାଣ୍ଡ

**ବଡ଼ଚଣା,୫।୪(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଦୌଲତପୁର ଗ୍ରାମର ନିଶାକର ସାହୁଙ୍କ ଘରେ ସୋମବାର ଅପରାହ୍ନ ୨ଟାରେ ରୋଷେଇ ହେଉଥିବା ସମୟରେ ଅଗ୍ନିକାଣ୍ଡ ଘଟି ୩ ବଖରା ପୋଡ଼ିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର, ଚାଉଳ, ଧାନ ପାଉଁଶ ହୋଇଯାଇଛି। ଚଣ୍ଡିଖୋଲ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ପାଣିକୋଇଲି ମେଳଣ ଉତ୍ସବ ଉଦ୍‌ଯାପିତ

**ପାଣିକୋଇଲି, ୫।୪(ଡି.ଏନ.ଏ.):** ପାଣିକୋଇଲି ମେଳଣ ଉତ୍ସବ ଉଦ୍‌ଯାପିତ ହୋଇଛି। କରୋନା କଟକଣା ଯୋଗୁ ଚଳିତବର୍ଷ କେବଳ ବିଧି ରକ୍ଷା ପାଇଁ ଉତ୍ସବ ପାଳନ କରାଯାଇଛି। ପାଣିକୋଇଲି ଥାନପତି ଗୋପୀନାଥ ଜୀଉ, କାଜିପାଟଣା ରାଧାକାନ୍ତ ଜୀଉ, ପଥରପଦା ମଦନମୋହନ ଜୀଉ ଓ ଅଳତିରି ରାଧାକାନ୍ତ ଜୀଉ ସଂକର୍ତ୍ତନ ମାଧ୍ୟମରେ ବିଜେ କରିଥିଲେ। ୪ ଠାକୁରଙ୍କ ବିମାନ ତାରିଣୀ ମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ଭୋଗ ଲାଗି ହୋଇଥିଲା। ଏହାକୁ କାର୍ତ୍ତିକଚନ୍ଦ୍ର ପଣ୍ଡା, ସୂର୍ଯ୍ୟମଣି ପଣ୍ଡା, ସନ୍ତୋଷ କୁମାର ବେହେରା, ମଦନମୋହନ ବେହେରା, ମଧୁସୂଦନ ସାହୁ, ଶ୍ୟାମସୁନ୍ଦର ବାରିକ, ଶ୍ରୀଧର ଦାସ, ପୀତବାସ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଶିକ୍ଷକ ବସନ୍ତରାଜ ନିଲମ୍ବିତ

## ପଣସୁଧା ଗୋଷ୍ଠୀ ସଂଘର୍ଷ, ପୋଲିସ ଗାଡ଼ି ପୋଡ଼ି ଘଟଣା

**ଚଣ୍ଡିଖୋଲ,୫।୪(ଡି.ଏନ୍.ଏ)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ପଣସୁଧାରେ ଗତ ମାର୍ଚ୍ଚ ୬ ରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଓ ପୋଲିସ ଗାଡ଼ି ପୋଡ଼ି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶିକ୍ଷକ ମିଟୁ ଓରଫ ବସନ୍ତରାଜ ସାମଲଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସୋମବାର ବଡ଼ଚଣା ବ୍ଲକ ଶିକ୍ଷା ଅଧିକାରୀ ଶିକ୍ଷକ ସାମଲଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ତାଙ୍କୁ ଚାକିରିରୁ ବହିଷ୍କାର ଲାଗି ପୂର୍ବରୁ କଂଗ୍ରେସ ଓ ଭାଜପା ପକ୍ଷରୁ ଦାବି କରାଯାଇଥିଲା। ସରକାରୀ ଚାକିରିରେ ରହି ସେ ବିଭାଗର ନିୟମାବଳୀକୁ ଅନୁପାଳନ କରି ନ ଥିବାରୁ ମଣ୍ଡଳ ଶିକ୍ଷାଧିକାରୀ ହରିହର ଦଳାଇ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ପତ୍ର ସଂଖ୍ୟା ୭୧୬ରେ ଉଲ୍ଲେଖ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ନିଲମ୍ବନ ନିର୍ଦ୍ଦେଶନାମାରେ ସାମଲ ଓସିସି(ସିସିଏ) ରୁଲ୍ -୧୯୬୨ର ସବ୍‌ରୁଲ୍-୧୨ଅନୁଯାୟୀ ସରକାରୀ ସର୍ଭିସ୍ ରୁଲକୁ ଖୋଲା ଉଲ୍ଲଂଘନ କରିଥିବା ଦର୍ଶାଯାଇଛି।

ବଡ଼ଚଣା ବ୍ଲକ ଅଧୀନ କଳାଶ୍ରୀ ଗୋପାଳପୁର ନୋଡାଲ ୟୁପି ସ୍କୁଲର ସହକାରୀ ଶିକ୍ଷକ ସାମଲଙ୍କ ବିରୋଧରେ ଏତଲା ଥିବା ସଂକ୍ରାନ୍ତରେ ଗତ ମାସ ୨୨ତାରିଖରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଡିଆର୍ ନମ୍ବର-୪୬୩ରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଥିଲେ। ସେହି ଅନୁଯାୟୀ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦର୍ଶାଯାଇଛି। ନିଲମ୍ବନ ସମୟରେ ସେ ବାଲିଚନ୍ଦ୍ରପୁର ପଞ୍ଚାୟତସ୍ଥିତ ରୁକୁଟିପୋଟ ବିଦ୍ୟାଳୟରେ ଯୋଗଦେବେ। ସେଠାରୁ ବିଇଓଙ୍କ ବିନା ଅନୁମତିରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅନ୍ୟ କୌଣସି ସ୍ଥାନକୁ ଯାଇ ପାରିବେ ନାହିଁ। ତେବେ ଶିକ୍ଷକ ଭଳି ଏକ ମର୍ଯ୍ୟାଦାଜନକ ପଦରେ ଥିବା ସାମଲ ରାଜନୀତିରେ ସଂପୃକ୍ତ ରହିଥିଲେ। ସାମଲଙ୍କ ନାମରେ ଏକାଧିକ ମାମଲା ରହିଥିଲେ ମଧ୍ୟ ପୂର୍ବରୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ନଜିର ନାହିଁ। ଏହି ଘଟଣାରେ ବି ପୋଲିସ ତାଙ୍କୁ ଗିରଫ କରିବାକୁ ସମର୍ଥ ହୋଇପାରି ନାହିଁ। ସେ ଉଚ୍ଚନ୍ୟାୟାଳୟରୁ ଅନ୍ତରୀଣ ସୁରକ୍ଷା ପାଇଥିବା ସୂଚନା ମିଳିଛି। ଏହି ଘଟଣାରେ ପୋଲିସ ବିଭାଗ ପକ୍ଷରୁ ଗତ ୨ ତାରିଖ ଦିନ ବାଲିଚନ୍ଦ୍ରପୁର ଥାନା ଏସଆଇ ମନୋଜ ପଣ୍ଡାଙ୍କୁ ନିଲମ୍ବନ କରାଯାଇଛି। ଏହି ଘଟଣାରେ ଆଉ ଜଣେ ଶିକ୍ଷକଙ୍କ ସମ୍ପୃକ୍ତି ରହିଥିବା ବେଳେ ସେ ଗିରଫ ଭୟରେ ଫେରାର ଅଛନ୍ତି। ତାଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ଖବର ମିଳିଛି।

# ଜିନ୍ଦଲ ଷ୍ଟେନ୍‌ଲେସ ପକ୍ଷରୁ ମହାଦେବ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ



ଶିଳାନ୍ୟାସ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**କଳିଙ୍ଗନଗର,୫।୪(ଡି.ଏନ.ଏ.)**

କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପ୍ରତିଷ୍ଠା ହେବା ଦିନଠାରୁ କଳିଙ୍ଗନଗର ଓ ପାରିପାର୍ଶ୍ୱିକ ଗ୍ରାମର କିପରି ଆର୍ଥିକ ଏବଂ ସାମାଜିକ ବିକାଶ ହୋଇପାରିବ ସେଥିପାଇଁ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ଦାନଗଦୀ ବ୍ଲକ ବାଲୁଙ୍ଗାବନ୍ଧୀ ଗ୍ରାମରେ ଥିବା ବହୁ ପୁରାତନ ବଗେଇ ବିଶେଶ୍ୱର ମନ୍ଦିର ତଥା ସେହି ପରିସରର ଉନ୍ନତୀକରଣ କାର୍ଯ୍ୟ କମ୍ପାନୀ ହାତକୁ ନେଇଛି। ଏହି ଉନ୍ନତୀକରଣ କାର୍ଯ୍ୟାରମ୍ଭ ପାଇଁ ସୋମବାର ମନ୍ଦିର ପରିସରରେ ଏକ ପୂଜାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସୁକିନ୍ଦାର ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡାଇ ଓ ସମ୍ମାନିତ ଅତିଥି ଜିନ୍ଦଲ କମ୍ପାନୀର ଆବାସିକ ନିର୍ଦ୍ଦେଶକ ଶଶିଭୂଷଣ ଉପାଧ୍ୟାୟ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କମ୍ପାନୀ ମନ୍ଦିର ଚାରିପାଖରେ ପାଚେରି ନିର୍ମାଣ, ପୋଖରୀର ପୁନରୁଦ୍ଧାର ସହିତ ସୌନ୍ଦର୍ଯ୍ୟକରଣ, ଅର୍ଦ୍ଧନିର୍ମିତ ଯଜ୍ଞ ମଣ୍ଡପକୁ ସମ୍ପୂର୍ଣ୍ଣ କରିବା, ପକ୍କା ରୋଷେଇ ଘର ନିର୍ମାଣ ସହିତ ସମଗ୍ର ମନ୍ଦିର ପରିସରକୁ ସମତଳ କରିବା ପାଇଁ ପଦକ୍ଷେପ ନେଇଛି।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦ, କଂଗ୍ରେସର ଧାରଣା



କଂଗ୍ରେସ ନେତା ଓ କର୍ମୀମାନେ ଧାରଣା ଦେଇଛନ୍ତି।

**ଯାଜପୁର ଟାଉନ/ ଯାଜପୁର ସଦର, ୫।୪(ଡି.ଏନ.ଏ.)**

ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ରବିବାର ରାଜରାସ୍ତାକୁ ଓହ୍ଲାଇଛି। ଯାଜପୁର ଜିଲା କଂଗ୍ରେସ କମିଟି ସଭାପତି ମନୋଜ ରାଉତଙ୍କ ନେତୃତ୍ୱରେ ନଗର କଂଗ୍ରେସ ଓ ଯାଜପୁର ବ୍ଲକ କଂଗ୍ରେସ ପକ୍ଷରୁ ସହର ମହକୁମାରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ କଂଗ୍ରେସ ନେତା ଓ ଶତାଧିକ କର୍ମୀ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଟାଟା ବିଦ୍ୟୁତ୍ ବିତରକ କମ୍ପାନୀର ସ୍ୱାର୍ଥରକ୍ଷା ପାଇଁ ଅନ୍ୟାୟ ଭାବେ ଯେଉଁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରାଯାଇଛି ତାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଯଦି ରାଜ୍ୟ ସରକାର ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ନ କରନ୍ତି ତେବେ ବିଶାଳ ଜନ ଆନ୍ଦୋଳନର ମୁଣ୍ଡ ଟେକିବ ବୋଲି ସଭାପତି ରାଉତ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ସନ୍ତୋଷ ନନ୍ଦ,ବିଷ୍ଣୁ ଚରଣ ରାଉତ, ଅଞ୍ଜଳ ଦାସ, ରଞ୍ଜିତା ରାଉତ, ଗଦାଧର ଦାସ, ବିଳାସ ରାଉତରାୟ, ଅମୂଲ୍ୟ ବିଶ୍ୱାଳ, ପ୍ରଶାନ୍ତ ବାରିକ, ମକର ବାରିକ, ସନ୍ତୋଷ ସାହୁ, ମନୋରଞ୍ଜନ ଦାସ, ନାରାୟଣ ଚନ୍ଦ୍ର ସାମନ୍ତ, ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଶତାଧିକ କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଆସନ୍ତା ୬ ତାରିଖ ଅର୍ଥାତ୍ ମଙ୍ଗଳବାର ଜିଲାର ପ୍ରତି ବ୍ଲକ କଂଗ୍ରେସ ପକ୍ଷରୁ ନିଜ ଅଞ୍ଚଳରେ ଥିବା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଭାପତି ରାଉତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବିରେ ଘେରାଉ

**ଯାଜପୁର ରୋଡ, ୫।୪(ଡି.ଏନ.ଏ.)**

ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଆଇଏନ୍‌ଟିୟୁସି ଓ ସିଆଇଟିୟୁ ପକ୍ଷରୁ ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୋମବାର ଘେରାଉ କରାଯାଇଥିଲା। ଘେରାଉ ସ୍ଥଳରେ ଆଇଏନଟିୟୁସିର ଜିଲା କାର୍ଯ୍ୟକାରୀ ସଭାପତି ରଘୁନାଥ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ଉପସଭାପତି ବିଦ୍ୟାଧର ମହାନ୍ତି, ସିଆଇଟିୟୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଆଇଏନଟିୟୁସିର ଜିଲା ସମ୍ପାଦକ ନୃସିଂହ ଚରଣ ପହି, ସହ ସମ୍ପାଦକ ପରମାନନ୍ଦ ସେଠୀ, ବିଜୟ କୁମାର ବୋଇତାଇ, ଚନ୍ଦ୍ରକାନ୍ତ ଖଣ୍ଡାଇ, ପଦ୍ମନାଭ ନାୟକ, ଧୀରେନ୍ଦ୍ର ବେହେରା, ବେବିନା ଜେନା, ସୂର୍ଯ୍ୟପ୍ରକାଶ କୁଅଁର, ଜଗବନ୍ଧୁ ନାୟକ, ସେକ ଆତାଉଦ୍ଦିନ ଅହମ୍ମଦ, ଅଭିମନ୍ୟୁ ପାତ୍ର, ବିଜୟାଲକ୍ଷ୍ମୀ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରେ ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# 'ପାରାଦୀପ ଦେଶର ୧ ନଂ. ବନ୍ଦର ହେବାକୁ ଯାଉଛି'

**ପାରାଦୀପ,୫।୪(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସୋମବାର ୫୮ତମ ଜାତୀୟ ନୌବାଣିଜ୍ୟ ଦିବସ ପାଳନ କରାଯାଇଛି। ବନ୍ଦର ୱେଟ୍ ବେସିନ୍ ଠାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ତଥା ପୂର୍ବତଟ ରେଳୱେର ସିଓଏମ ରିଙ୍କେଶ ରାୟ ଯୋଗଦେଇଥିଲେ। ପାରାଦୀପ ବନ୍ଦର ଚଳିତବର୍ଷ ୧୧୪.୫୫ ନିୟୁତ ଟନ୍ ପଣ୍ୟ କାରବାର କରିଛି। ଆସନ୍ତା ବର୍ଷ ଦେଶର ସର୍ବାଧିକ ପଣ୍ୟ କାରବାର କରିବାକୁ ଯାଉଛି। ଏବଂ ଦେଶର ୧ ନମ୍ବର ବନ୍ଦର ହେବାକୁ ଯାଉଛି ବୋଲି ରାୟ ଏହି ଅବସରରେ କହିଥିଲେ। ଅନ୍ୟତମ ଅତିଥିଭାବେ ବନ୍ଦର ଉପାଧ୍ୟକ୍ଷ ଏ.କେ ବୋଷ ଯୋଗଦେଇ କହିଥିଲେ, ବିଶ୍ୱର ୯୦ ପ୍ରତିଶତ ପଣ୍ୟ ଓ ଅର୍ଥନୈତିକ କାରବାର ଜଳପଥରେ ହେଉଛି। ନୌବାଣିଜ୍ୟ ଏବେ ଦେଶ ପ୍ରଗତିର ମୁଖ୍ୟ ମାଧ୍ୟମ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପ ସଂରକ୍ଷକ ଅତୁଲ୍ୟ କୁମାର ମହାପାତ୍ର, ହାରବର ମାଷ୍ଟର ଅଲେଖ ଚନ୍ଦ୍ର ବେହେରା ପ୍ରମୁଖ ମତ ରଖିଥିଲେ। ଏହି ଅବସରରେ ବର୍ଷୀୟାନ କ୍ୟାପଟେନ ତଥା ପୂର୍ବତନ ଆଇଏମଓ(ଇଣ୍ଟରନ୍ୟାସନାଲ ମେରିଟାଇମ ଅର୍ଗାନାଇଜେସନ)ନିର୍ଦ୍ଦେଶକ ଅଶୋକ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଅଫିସର୍ସ କ୍ଲବଠାରେ ବନ୍ଦର ବ୍ୟବହାରକାରୀ ସଂସ୍ଥାକୁ ନେଇ ସେମିନାର କରାଯାଇଛି। ସୂଚନାଯୋଗ୍ୟ. ୫ଏପ୍ରିଲ ୧୯୧୯ରେ ଏସ୍‌ଏସ୍ ଲୟାଲିଟି ନାମକ ପଣ୍ୟବାହୀ ଜାହାଜ ପ୍ରଥମକରି ବମ୍ବେରୁ ଲଣ୍ଡନ ଯାତ୍ରା କରିଥିଲା। ସେହିଦିନକୁ ଜାତୀୟ ନୌବାଣିଜ୍ୟ ଦିବସ ଭାବେ୧୯୬୩ରୁ ପାଳନ କରାଯାଉଛି।




ଜାତୀୟ ନୌବାଣିଜ୍ୟ ଦିବସ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ଜାତୀୟ ନୌବାଣିଜ୍ୟ ଦିବସ ପାଳିତ

## ଯୋଗ ଶିବିରର ୩ ବର୍ଷ ପୂର୍ତ୍ତି ଉତ୍ସବ

**ଯାଜପୁର ରୋଡ୍,୫।୪(ଡି.ଏନ.ଏ.)**

ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚର ଯୋଗ ଶିବିରର ୩ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଛି। ଶ୍ରମିକ ନେତା ଦୁଷ୍ମନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଯୋଗ ଶିକ୍ଷକ ବଟକୃଷ୍ଣ ପ୍ରଧାନ, ଧ୍ରୁବଚରଣ କର, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଚନ୍ଦ୍ରମଣି ସାମଲ, ବ୍ୟାସନଗର ଯୋଗ ପ୍ରଭାରୀ ଧ୍ରୁବଚରଣ କର, ବିଭୀଷଣ ନାୟକ, ମଞ୍ଚର ବରିଷ୍ଠ କର୍ମକର୍ତ୍ତା ଲମ୍ବୋଦର ମଲ୍ଲିକ, ମହେଶ୍ୱର ପ୍ରଧାନ, କୈଳାସଚନ୍ଦ୍ର ବେହେରା, ଅରୁଣା ଖଣ୍ଡାଇ, ସନାତନ ମଲ୍ଲିକ, ବିକାଶ ରଞ୍ଜନ କର ପ୍ରମୁଖ ଯୋଗଦେଇ ଯୋଗ ଶିବିରର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୋଗ ଗୁରୁ ବଟକୃଷ୍ଣ ପ୍ରଧାନଙ୍କୁ ତାଙ୍କ ଉଲ୍ଲେଖନୀୟ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରକ୍ଷାକାଳୀଙ୍କ ପୀଠରେ ପଶୁବଳି ବନ୍ଦ



ରକ୍ଷାକାଳୀଙ୍କ ପୀଠରେ ପୂଜାର୍ଚ୍ଚନା ଚାଲିଛି।

**ଯାଜପୁର ଟାଉନ,୫।୪(ଡି.ଏନ.ଏ.)**

ଯାଜପୁର ପୌରାଞ୍ଚଳର ୧୬ ନଂ. ୱାର୍ଡ ଅଧୀନ ବରୁଆଡି ଗ୍ରାମର ରକ୍ଷାକାଳୀଙ୍କ ବାର୍ଷିକ ପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ରକ୍ଷାକାଳୀଙ୍କ ପୀଠରେ ଆଉ ପଶୁ ବଳି ପଡିବ ନାହିଁ ବୋଲି ସ୍ଥିର କରାଯାଇଛି। ଚଳିତ ବର୍ଷ ପଶୁବଳି ପରିବର୍ତ୍ତେ ମା'ଙ୍କ ୧୦୦୦୦ ବୀଜ ମନ୍ତ୍ର ଜପ ଏବଂ ୧୦୦୮ ଆହୁତି ଦିଆଯିବା ସହିତ ୨ କୁଷ୍ମାଣ୍ଡ ବଳି ଦିଆଯାଇଥିଲା। ମୁଖ୍ୟପୂଜକ ପ୍ରଶାନ୍ତ କୁମାର ସନ୍ଧିବିଗ୍ରହ, ପୂଜକ ବିଶ୍ୱମ୍ଭର ମିଶ୍ର, ଆଦିକାନ୍ଦ ସନ୍ଧିବିଗ୍ରହ, ଶଶିଭୂଷଣ ପୃଷ୍ଟି, ସଦାନନ୍ଦ ସେନାପତି, ଦୁର୍ଗା ଦାସ, ଆଶିଷ ମହାନ୍ତି, ସୁରେନ୍ଦ୍ର ବାରିକ, ଦେବାଶିଷ ସେନାପତି, ସୁରେନ୍ଦ୍ର ସେନାପତି, ଗୋବର୍ଦ୍ଧନ ଦାସ, କାହ୍ନୁ ଚରଣ ସେନାପତି, ବିନୋଦ ବିହାରୀ ସେନାପତି, ଅଜୟ ପୃଷ୍ଟି, ରବିନାରାୟଣ ମିଶ୍ର, ମନୋଜ କୁମାର ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ।

# ୪ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କଲେ

## ସମିଆ ପଞ୍ଚାୟତ ଉପନିର୍ବାଚନ

**ବଡ଼ଚଣା/ଚଣ୍ଡିଖୋଲ,୫।୪(ଡି.ଏନ.ଏ)**

ବଡ଼ଚଣା ବ୍ଲକ ସମିଆ ପଞ୍ଚାୟତ ସମିତି ସଭ୍ୟ ପଦବୀ ପାଇଁ ଆସନ୍ତା ୨୮ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ୪ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେମାନେ ହେଲେ ବିଜେଡି ସମର୍ଥିତ ପ୍ରାର୍ଥୀ କବିତା ମଲିକ, ଭାଜପାରୁ ଶ୍ରଦ୍ଧାଞ୍ଜଳି ଜେନା, କଂଗ୍ରେସରୁ ଗୌରୀ ଜେନା ଓ ସ୍ୱାଧୀନ ପ୍ରାର୍ଥୀ ସୁଜାତା ଦଳେଇ। ବିଜେଡି ଓ ଭାଜପା ପ୍ରାର୍ଥୀ ଦ୍ୱୟ ନିଜ ସମର୍ଥକମାନଙ୍କ ସହ ସମିଆ ପଞ୍ଚାୟତରୁ ବାଇକ୍ ଶୋଭାଯାତ୍ରାରେ ଆସି ବ୍ଲକ୍‌ରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ଅଳ୍ପ କେତେଜଣ ସମର୍ଥକଙ୍କ ସହ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ବିଜେଡି ପ୍ରାର୍ଥୀଙ୍କ ଶୋଭାଯାତ୍ରାରେ ବ୍ଲକ୍ ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଆମ୍ବାର ଅଧ୍ୟକ୍ଷ ନିରଞ୍ଜନ ସେନାପତି, ପୂର୍ବତନ ସରପଞ୍ଚ ଯୁଗଳ ଖିଲାର, ରତ୍ନାକର ପ୍ରଧାନ, ଯତିନ୍ଦ୍ର ପଣ୍ଡା, ସରପଞ୍ଚ କାମିନୀ ଜେନା, ଉଜ୍ଜ୍ୱଳ ନାରାୟଣ ପ୍ରଦୀପ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଭାଜପା ପ୍ରାର୍ଥୀଙ୍କ ସହ ବିଶ୍ୱବିଜୟୀ ବ୍ରହ୍ମ, ସତ୍ୟପ୍ରକାଶ ଦାସ, କାର୍ତ୍ତିକ ସାମନ୍ତ, ରାଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ପ୍ରାର୍ଥୀଙ୍କ ସହ ଯୁବନେତା ପ୍ରଦୀପ୍ତ ମହାନ୍ତି, ବୁଦ୍ଧିରାମ ବାଙ୍କିରା, ରମାକାନ୍ତ ମହାନ୍ତ, ଆଲୋକ ଜେନା, ଅଶୋକ ବ୍ରହ୍ମ, ଗୌରାଙ୍ଗ ଦାସ, ମାଧବ ମଲିକ ପ୍ରମୁଖ ଆସିଥିଲେ। ସୋମବାର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ଥିଲା। ସେଥିପାଇଁ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ଭିତରେ ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟ ଶେଷ ହୋଇଥିଲା। ୬ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୭ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



କବିତା ମଲିକ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

# ବିଜେଡି,ଭାଜପା ସମର୍ଥିତ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

## ରାଉତରାପୁର ଉପନିର୍ବାଚନ

**ରସୁଲପୁର,୫।୪(ଡି.ଏନ.ଏ.)**

ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତ ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ସୋମବାର ନାମାଙ୍କପତ୍ର ଦାଖଲର ଶେଷ ତାରିଖରେ ୩ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ଭାଜପା ସମର୍ଥନରେ ସୁଜାତା ମଲିକ, ବିଜେଡି ପକ୍ଷରୁ ମମତା ମଲିକ, ସ୍ୱାଧୀନ ପ୍ରାର୍ଥୀ ଭାବେ ଅନାମିକ ମଲିକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ଲଢେଇରୁ କଂଗ୍ରେସ ଦୂରେଇ ଯାଇଛି। ପ୍ରାର୍ଥୀପତ୍ର ଦାଖଲର ଶେଷ ପର୍ଯ୍ୟନ୍ତ କଂଗ୍ରେସ ତରଫରୁ କେହି ନାମାଙ୍କପତ୍ର ଦାଖଲ କରିନାହାନ୍ତି।

ଭାଜପା ନିଜ ସମର୍ଥିକ ପ୍ରାର୍ଥୀଙ୍କ ନାମକୁ ଗୋପନ ରଖିଥିଲା। ପୂର୍ବାହ୍ନରେ ଦଳୀୟ ସମର୍ଥିତ ପ୍ରାର୍ଥୀ ସୁଜାତା ଏକ ପଟୁଆରରେ ଆସି ବ୍ଲକ କାର୍ଯ୍ୟାଳୟ ପରିସରରେ ପହଁଞ୍ଚି ଥିଲେ। ଭାଜପାର ଜିଲା ସମ୍ପାଦକ ମୁକୁନ୍ଦଦେବ ମହାନ୍ତି, ଯୁବନେତା ତ୍ରୈଲୋକ୍ୟ ପୃଷ୍ଟି, ଅଶୋକ ପୃଷ୍ଟି, ବିକାଶ ସାହୁ, ମିଥୁନ ସାହୁ, ନରେଶ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ସୁଜାତା ସିଧାସଳଖ ନାମାଙ୍କପତ୍ର କେନ୍ଦ୍ରକୁ ଯାଇଥିଲେ। ଭାଜପାର ଏପରି ରଣନୀତି ବିରୋଧୀ ବିଜେଡିକୁ ଚକିତ କରିଛି। ସରପଞ୍ଚ ପଦବୀ ପାଇଁ ଲଢେଇ ହେବାର ସମ୍ଭାବନା ବଢି ଯାଇଛି।

କଂଗ୍ରେସ ପକ୍ଷରୁ କୌଣସି ପ୍ରାର୍ଥୀ ଲଢେଇରେ ସାମିଲ ନ ହେବା ସଂକ୍ରାନ୍ତରେ ବରୀର କଂଗ୍ରେସ ନେତା ଉମେଶ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ୬ ମାସିଆ ଅବଧି ପାଇଁ ନିର୍ବାଚନରେ ସାମିଲ ହେବାକୁ ଆମେ ଇଚ୍ଛା ପ୍ରକାଶ କରିନାହୁଁ। ପରାଜୟ ଭୟ ନୁହେଁ ବରଂ ସ୍ୱଳ୍ପ ସମୟ ପାଇଁ ଲଢେଇରେ ବ୍ୟୟବହୁଳତାରୁ ଦୂରେଇ ରହିବା ପାଇଁ ସେ ଏଭଳି ନିଷ୍ପତି ନେଇଥିବା କହିଛନ୍ତି। ଏପରି କି ନିର୍ବାଚନରେ ତାଙ୍କ କର୍ମୀମାନେ ଭୋଟରୁ ବିରତ ରହିବେ। ଉଭୟ ବିଜେଡି ଓ ଭାଜପା ସମର୍ଥୀତ ପ୍ରାର୍ଥୀଙ୍କୁ ଭୋଟ ଦେବେ ନାହିଁ ବୋଲି ସେ କହିଛନ୍ତି। ଭାଜପା ଯୁବନେତା ତ୍ରୈଲୋକ୍ୟ କହିଛନ୍ତି, ଆମ ପ୍ରାର୍ଥୀ ନିଶ୍ଚିତ ବିଜୟ ଲାଭ କରିବେ। ପୂର୍ବରୁ ବିଜେଡି ସମର୍ଥିତ ସରପଞ୍ଚ କାର୍ଯ୍ୟଭାର ସମ୍ଭାଳୁ ଥିଲେ। ତାଙ୍କୁ ଦଳୀୟ କର୍ମୀମାନଙ୍କ ଚକ୍ରାନ୍ତ କରି ଅନସ୍ଥାରେ ହରାଇ ଦିଆଗଲା। ପରେ ନାଏବ ସରପଞ୍ଚ ଦାୟିତ୍ୱରେ ରହିଲେ। ପୂର୍ବ ସରପଞ୍ଚ ଓ ଭାରପ୍ରାପ୍ତ ସରପଞ୍ଚଙ୍କ ବିରୋଧରେ ଜନସାଧାରଣ ଭୋଟ ଦେବେ। ବିଜେଡିର ଗୋଷ୍ଠୀ କନ୍ଦଳ ପଞ୍ଚାୟତରେ ତୀବ୍ର ଥିବାରୁ ତାଙ୍କ ପ୍ରାର୍ଥିନୀ ଜିତିବା ଥୟ ବୋଲି ସେ କହିଛନ୍ତି। ବରୀ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ କହିଛନ୍ତି, ୨୦୧୯ରୁ ବିଧାୟକ ଦାୟିତ୍ୱ ନେବା ପରଠାରୁ ୩ ଉପନିର୍ବାଚନ ସମ୍ମୁଖୀନ ହୋଇଛନ୍ତି। ବିଧାୟିକାଙ୍କ ନିଜ ପଞ୍ଚାୟତ ଅଙ୍ଗାଳରେ ସମିତି ସଭ୍ୟା ପଦବୀ ଉପନିର୍ବାଚନରେ ମମତା ସାମଲ, ଅମଠପୁର ସରପଞ୍ଚ ଉପ-ନିର୍ବାଚନରେ ମମତା ଦାସ ପ୍ରାର୍ଥିନୀ ହୋଇ ନିର୍ବାଚନ ଜିତିଛନ୍ତି। ଏଥର ବି ମମତା ଦଳୀୟ ସମର୍ଥନରେ ପ୍ରାର୍ଥୀ ହୋଇଥିବାରୁ ସେ ନିଶ୍ଚିତ ଜିତିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।



ଭାଜପା ସମର୍ଥିତ ପ୍ରାର୍ଥୀ ସୁଜାତା ମଲିକ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୬ ଏପ୍ରିଲ, ୨୦୨୧



## ସଂକ୍ଷେପରେ

### ହାଇୱେ ଲୁଟ୍ କରି ଜଣେ ଗିରଫ

**ନୟାଗଡ ଅଫିସ,୫।୪:** ନୂଆଗାଁ ଥାନା ପୋଲିସ ଜଣେ ହାଇୱା ଲୁଟ କରିଥିବା ବ୍ୟକ୍ତିଙ୍କୁ ଗିରଫ କରିଛି। ତାଙ୍କଠାରୁ ଲୁଟ୍ ଉପକରଣ ବାଇକ୍ ଓ ମୋବାଇଲ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୪ ଜଣଙ୍କୁ ଖୁବ୍‌ଶୀଘ୍ର କରାଯିବ ବୋଲି ବୋଲି ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ବଲାଙ୍ଗିର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ମହିତମାଠାରୁ କନ୍ଧମାଳ ଜଣେ ବ୍ୟକ୍ତିଙ୍କର ବାଇକ୍ ଓ ମୋବାଇଲ ଲୁଟ୍ ହୋଇଥିଲା। ଲୁଟ୍ ଶିକାର ହୋଇଥିବା ବ୍ୟକ୍ତି ଜଣକ କନ୍ଧମାଳରୁ ଭୁବନେଶ୍ୱର ଯାଉଥିବାବେଳେ ମାର୍ଚ୍ଚ ୩୦ ତାରିଖ ସନ୍ଧ୍ୟା ୭ଟାରେ ଏହି ଲୁଟ୍ ହୋଇଥିଲା। ୫ଜଣ ଲୁଟେରା ମାରଣାସ୍ତ୍ର ଦେଖାଇ ଲୁଟ୍ କରିଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ନଂ. ୪୦/୨୧ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସୋରଡା ଗାଁର ମୁନା ପ୍ରଧାନ(୨୨)ଙ୍କୁ ଗିରଫ କରାଯାଇଛି।

### ନୀଳମାଧବ ମନ୍ଦିର ଚଟାଣରେ ପ୍ରଲେପ ପାଇଁ ଦାବି

**ଖଣ୍ଡପଡା,୫।୪(ସ୍ୱ.ପ୍ର.):** ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିର ଚତୁଃପାର୍ଶ୍ୱ ଚଟାଣରେ ଉତ୍ତପ୍ତ ନିରୋଧକ ପ୍ରଲେପ ବୋଳିବା ପାଇଁ ଦାବି ହେଉଛି। ସୂଚନଯୋଗ୍ୟ, ସମ୍ପ୍ରତି ପ୍ରବଳ ଗ୍ରୀଷ୍ମ ପ୍ରବାହରେ ମନ୍ଦିରର ଚଟାଣ ଉତ୍ତପ୍ତ ହେଉଥିବାରୁ ଉପରେ ଚାଲି ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁମାନେ ଯାତାୟତ କରି ଠାକୁରଙ୍କ ଦର୍ଶନ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଶ୍ରୀଜୀଉଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ବାହାରୁ ପ୍ରତ୍ୟେହ ଶତାଧିକ ସଂଖ୍ୟକ ଶ୍ରଦ୍ଧାଳୁ ଆସୁଛନ୍ତି। ପାହାଡ ଉପରେ ଥିବା ଶ୍ରୀନୀଳମାଧବ ମନ୍ଦିର ମଧ୍ୟରେ ଏହି ଖରା ସମୟରେ ଚାଲି କରି ଯିବା ଅସମ୍ଭବ ହୋଇପଡୁଛି। ପ୍ରବଳ ଗ୍ରୀଷ୍ମ ସମୟରେ ମନ୍ଦିର ପରିସର ଉତ୍ତପ୍ତ ହେବା ଯୋଗୁ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ପୂର୍ବ ବର୍ଷ ଭଳି ଚଳିତ ଗ୍ରୀଷ୍ମ ଋତୁରେ ଉତ୍ତପ୍ତରୁ ରକ୍ଷା ପାଇବାକୁ ମନ୍ଦିର ସିଂହଦ୍ୱାରଠାରୁ ମନ୍ଦିର ଚତୁଃପାର୍ଶ୍ୱରେ ଉତ୍ତାପ ନିରୋଧକ ପ୍ରଲେପ ବୋଳିବାକୁ ସାଧାରଣରେ ଦାବି ହେଉଛି। ଏହାସହ ମନ୍ଦିର ପରିସରରେ ଥିବା ଆକ୍ୱାଗାର୍ଡଟି ଦୀର୍ଘଦିନ ହେଲା ଅଚଳ ହୋଇ ପଡିଥିବାରୁ ପ୍ରବଳ ଖରା ସମୟରେ ପାଣି ମୁନ୍ଦେ ପାଇଁ ଯାତ୍ରୀମାନେ ଡହଳବିକଳ ହେଉଛନ୍ତି। ଏହାକୁ ତୁରନ୍ତ ମରାମତି କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଶ୍ରୀନୀଳମାଧବ ଦେବୋତ୍ତର ମ୍ୟାନେଜର ହରିହର ଦାଶଙ୍କୁ ପଚାରିବାରେ ଯାତ୍ରୀମାନଙ୍କ ସୁବିଧା ଦୃଷ୍ଟିରୁ ଚଟାଣରେ ପ୍ରଲେପ ଦେବାର ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ୨୯ରେ ସମୂହ ବ୍ରତୋପନୟନ

**ଖଣ୍ଡପଡା,୫।୪(ସ୍ୱ.ପ୍ର):** କଣ୍ଟିଲୋ ଯାତ୍ରାପଦାସ୍ଥିତ ପଞ୍ଚମୁଖୀ ହନୁମାନ ଜୀଉଙ୍କ ୨୧ତମ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ଏଠାରେ ଆସନ୍ତି ଏପ୍ରିଲ ୨୯ରେ ସମୂହ ବ୍ରତୋପନୟନ ଉତ୍ସବ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆଗ୍ରହୀ ବ୍ରାହ୍ମଣ ପରିବାର ଏହାର ସୁଯୋଗ ନେବାକୁ କମିଟି କର୍ମକର୍ତ୍ତା ଅନୁରୋଧ କରିଛନ୍ତି। ନିର୍ଦ୍ଧାରିତ ଦିବସରେ ସମ୍ପୂର୍ଣ୍ଣ ବୈଦିକ ରୀତିରେ ବ୍ରତୋପନୟନ କରାଯିବା ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଇଚ୍ଛୁକ ଥିବା ପରିବାରମାନେ ମନ୍ଦିର ପରିଚାଳନା କମିଟି ସଭ୍ୟ କିମ୍ବା ଆୟୋଜକ ଗୋପାଳ ଚନ୍ଦ୍ର ଅଗ୍ରୱାଲାଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

# ଜିଲ୍ଲାରେ ୧୫୦ରୁ ଊର୍ଦ୍ଧ୍ୱ ବେଆଇନ ପାଥୋଲୋଜି

**ନୟାଗଡ଼ ଅଫିସ,୫।୪**

- ଲାଇସେନ୍ସ ମିଳିଛି ୧୫
- ଧରପଗଡ଼ ନାହିଁ, କାର୍ଯ୍ୟାନୁଷ୍ଠାନ ଶୂନ
- ସରକାର କ୍ଷତି ସହୁଛନ୍ତି, ରୋଗୀ ମରୁଛନ୍ତି



ନୟାଗଡ଼ ଜିଲ୍ଲାରେ ବେଆଇନ ଭାବେ ଛତୁ ଫୁଟିଲା ଭଳି ଗଳିକନ୍ଦିରେ ବେଆଇନ ପାଥୋଲୋଜି ପରୀକ୍ଷାଗାର କାମ କରୁଛି। ଜିଲ୍ଲାରେ ମାତ୍ର ୧୫ଟି ପାଥୋଲୋଜି ଲାଇସେନ୍ସ ପାଇଥିବାବେଳେ ୧୫୦ରୁ ଊର୍ଦ୍ଧ୍ୱ ବେଆଇନ ଭାବେ ଚାଲିଛି। ହେଲେ ଏଗୁଡିକର ତଦନ୍ତ କରାଯାଉନାହିଁ। ଏଭଳିସ୍ଥଳେ ସରକାର ରାଜସ୍ୱ ହରାଉଛନ୍ତି। ଉପଯୁକ୍ତ ପରୀକ୍ଷା ରିପୋର୍ଟ ଆସୁ ନ ଥିବାରୁ ରୋଗୀ ମରୁଛନ୍ତି। ହେଲେ ସବୁ ଘଟଣା ଲୋକଲୋଚନକୁ ଆସିପାରୁନି। ଏ ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ପ୍ରାପ୍ତ ଅଭିଯୋଗ ଅନୁସାରେ, ୫ରୁ ୧୦ ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକ୍‌ନିସିଆନ ସାର୍ଟିଫିକେଟ୍ ହାସଲ କରାଯାଇ ପାରୁଛି। ସାର୍ଟିଫିକେଟ ହାସଲ ପରେ କ୍ୟାବିନ ଖଣ୍ଡେ ପକାଇ ପାଥୋଲୋଜି ପରୀକ୍ଷାଗାର ଫଳକଟିଏ ମାରି ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରାଯାଉଛି। ବ୍ୟବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହୋଇ ଚାଲୁଛନ୍ତି। ଅନ୍ୟପକ୍ଷେ ତ୍ରୁଟିପୂର୍ଣ୍ଣ ପରୀକ୍ଷଣ ଯୋଗୁ ବ୍ଲଡ ଗ୍ରୁପ ଚିହ୍ନଟ ବେଳେ ଜଣେ ବ୍ୟକ୍ତିର ବ୍ଲଡ ଗ୍ରୁପ ମଧ୍ୟ ଭିନ୍ନ ହୋଇଯାଉଛି। ପୁଣି ବିଭିନ୍ନ ପରୀକ୍ଷଣ ରିପୋର୍ଟରେ ତ୍ରୁଟି ରହୁଛି। ଫଳରେ କେତେକ କ୍ଷେତ୍ରରେ ରୋଗୀ ଗୁରୁତର ଓ ପ୍ରାଣ ହରାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ଘଟି ଚାଲିଥିଲେ ମଧ୍ୟ ଅଭିଯୋଗକୁ ଆର୍ଥିକ ଲୋଭ ଓ ରାଜନୈତିକ ଚାପ ପକାଇ ଚାପି ଦିଆଯାଉଥିବାର ଅଭିଯୋଗ ରହିଛି। ଏ ନେଇ ନୟାଗଡର ଚନ୍ଦ୍ରବିଜୟୀ ମିଶ୍ର କୁହନ୍ତି, କେଉଁ ପାଥୋଲୋଜି ବେଆଇନ ଓ କିଏ ପଞ୍ଜୀକୃତ ରୋଗୀ ଜାଣିବେ କିପରି। ସବୁ ପାଥୋଲୋଜି ଦୋକାନୀ ବୋର୍ଡ ମାରି ଲୋକଙ୍କୁ ପରୀକ୍ଷଣ କରୁଛନ୍ତି। କିଏ ଅସଲି କିଏ ନକଲି ରୋଗୀ ଜାଣି ନ ପାରି ଟଙ୍କା ଖର୍ଚ୍ଚ କରି ବିପଦକୁ ଆମନ୍ତ୍ରଣ କରୁଛନ୍ତି। ସ୍ୱାସ୍ଥ୍ୟବିଭାଗ ତୁରନ୍ତ ଏ ଦିଗରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ଦରକାର। ନଚେତ ରୋଗୀଙ୍କ ଜୀବନ ସହ ଏଭଳି ଖେଳ ଚାଲିଥିବ ବୋଲି ସେ ମତ ଦେଇଛନ୍ତି। ଗଣିଆର ସୁଦାମ ସ୍ୱାଇଁ, ନୂଆଗାଁର ଭକ୍ତବଲ୍ଲଭ ସାହୁ, ରଣପୁରର ସୀତା ପ୍ରଧାନ କୁହନ୍ତି, ରୋଗୀ କ'ଣ ଜାଣିପାରିବ ପାଥୋଲୋଜି ପରୀକ୍ଷାଗାର ଅସଲି କି ନକଲି। ସ୍ୱାସ୍ଥ୍ୟ ବିଭାଗ ଏ ନେଇ ଜାଣି ଚୁପ ରହିଛି କିପରି। ଲୋକଙ୍କ ଜୀବନ ସହ ଖେଳୁଥିବା ପାଥୋଲୋଜି ପରୀକ୍ଷାଗାରର ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ତୁରନ୍ତ ନିଆଯିବା ଦରକାର ବୋଲି କହିଛନ୍ତି।

### ନିୟମ ଶୀତଳଭଣ୍ଡାରରେ

ପାଥୋଲୋଜି ପରୀକ୍ଷାଗାର ଖୋଲିବାକୁ ସରକାରଙ୍କ ସ୍ୱତନ୍ତ୍ର ନିୟମ ରହିଛି। ନିୟମ ଅନୁସାରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ ନିକଟରେ ନିର୍ଦ୍ଧାରିତ ଅର୍ଥ ଜମା କରି ପଞ୍ଜୀକୃତ କରାଯାଇପାରିବ। ହେଲେ ବିନା ପଞ୍ଜୀକରଣରେ ପାଥୋଲୋଜି ଚାଲିଥିବାରୁ ସରକାରଙ୍କ ନିୟମକୁ ଅଣଦେଖା କରାଯାଉଛି। ୧୫ଟି ଲାଇସେନ୍ସ ପାଥୋଲୋଜି ମଧ୍ୟରୁ କେବଳ ୧୩ଟି ନୟାଗଡ଼ ଜିଲ୍ଲା ସଦର ମହକୁମାରେ ରହିଛି। ଅନ୍ୟ ଦୁଇଟି ଚାନ୍ଦପୁର ଓ ଖଣ୍ଡପଡାରେ ରହିଛି। କିନ୍ତୁ ଜିଲ୍ଲାର ନୟାଗଡ଼, ରଣପୁର, ଭାପୁର, ଖଣ୍ଡପଡା, ଓଡ଼ଗାଁ, ନୂଆଗାଁ, ଗଣିଆ, ଦଶପଲ୍ଲା ବ୍ଲକ ସମେତ ୫ ସହରାଞ୍ଚଳରେ ନିୟମକୁ ଶୀତଳଭଣ୍ଡାରରେ ଫୋପାଡି ମାଳମାଳ ପାଥୋଲୋଜି ଖୋଲାଯାଇଛି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶକ୍ତି ପ୍ରସାଦ ମିଶ୍ରଙ୍କୁ ପଚାରିବାରେ ଏ ନେଇ ଆମେ ତଦନ୍ତ ଆରମ୍ଭ କରିଛୁ। ଯେଉଁମାନେ ପଞ୍ଜୀକୃତ ନ କରି ପାଥୋଲୋଜି ପରୀକ୍ଷାଗାର କରିଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

### ଦୁଇ ନାବାଳକ ଭାଇଙ୍କୁ ଅପହରଣ ଅଭିଯୋଗ

**ନୟାଗଡ ଅଫିସ,୫।୪:** ନୟାଗଡ ଟାଉନ ଥାନା ଏମ୍‌ଆଇ କଲୋନୀ ବସ୍ତିରୁ ଦୁଇ ନାବାଳକ ଭାଇଙ୍କୁ ଅପହରଣ କରାଯାଇଥିବା ସୋମବାର ଅଭିଯୋଗ ହୋଇଛି। ମା ସରୋଜିନୀ ସାହୁଙ୍କ ଅଭିଯୋଗ ଅନୁସାରେ ସେ ପଡୋଶୀ ଜଣେ ବ୍ୟକ୍ତିଙ୍କ ଘରେ ଦୁଇପୁଅଙ୍କୁ ଛାଡି କାମକୁ ଯାଇଥିଲେ। ହେଲେ ଘରକୁ ଫେରିବା ପରେ ଦୁଇପୁଅଙ୍କୁ ଆଉ ପାଇ ନ ଥିଲେ। ଯେଉଁ ବ୍ୟକ୍ତିଙ୍କ ଘରେ ପୁଅଙ୍କୁ ଛାଡି ଯାଇଥିଲେ ସେ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏଭଳିସ୍ଥଳେ ସେ ଥାନାରେ ଅଭିଯୋଗ କରିଛନ୍ତି ବୋଲି କହିଛନ୍ତି। ଅପରପକ୍ଷେ ସରୋଜିନୀଙ୍କ ସୂଚନା ଅନୁସାରେ, ତାଙ୍କ ସ୍ୱାମୀ ଝାନସୀର ରହୁଛନ୍ତି। ସେ ଦୁଇ ବର୍ଷ ତଳେ ତାଙ୍କୁ ଛାଡି ଆଉ ଜଣେ ମହିଳାଙ୍କୁ ନେଇ ଫେରାର ହୋଇ ଯାଇଥିଲେ। ଏବେ କିଛି ଦିନ ହେଲା ତାଙ୍କ ସ୍ୱାମୀ ଫେରିଛନ୍ତି। ସେ ସନ୍ଦେହ କରୁଛନ୍ତି ସ୍ୱାମୀ ତାଙ୍କ ଦୁଇପୁଅଙ୍କୁ ନେଇ ଥାଇ ପାରନ୍ତି। ଦୁଇପୁଅଙ୍କୁ ଖୋଜିବା ଲାଗି ସରୋଜିନୀ ପୋଲିସକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ଘଟଣା ସମ୍ପର୍କରେ ଅଭିଯୋଗ ପାଇ ନ ଥିବା ଆଇଆଇସି ଜୟଦୀପ ମହାନ୍ତି କହିଛନ୍ତି। ତଥାପି ସେ ତଦନ୍ତ ନିଜ ଆଡୁ କରିବେ ବୋଲି କହିଛନ୍ତି।

# ନୟାଗଡ଼ରେ ଜିଲ୍ଲା କଂଗ୍ରେସର ବିକ୍ଷୋଭ



ନୟାଗଡ ବିଦ୍ୟୁତ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ କଂଗ୍ରେସର ବିକ୍ଷୋଭ।

**ନୟାଗଡ ଅଫିସ,୫।୪**

### ବିଦ୍ୟୁତ୍ ଦର ବୃଦ୍ଧିର ପ୍ରତିବାଦ

ବିଦ୍ୟୁତ୍ ଦର ବୃଦ୍ଧିର ପ୍ରତିବାଦ କଂଗ୍ରେସ ପକ୍ଷରୁ ସୋମବାର କରାଯାଇଛି। ଜିଲ୍ଲା କଂଗ୍ରେସ ପକ୍ଷରୁ ନୟାଗଡ଼ ବିଦ୍ୟୁତ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ବିକ୍ଷୋଭ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ବିଦ୍ୟୁତ୍ ଡିଭିଜନ ନିର୍ବାହୀଯନ୍ତ୍ରୀଙ୍କୁ ଦେବା ପରେ ୪ ଘଣ୍ଟା ପରେ ହଟିଥିଲା। କୋଭିଡ୍ ପରି ଅସମୟରେ ରାଜ୍ୟ ସରକାର ଟାଟା ପାୱାର ଚାପରେ ୟୁନିଟ୍ ପିଛା ୨ଥରରେ ୫୦ ପଇସା ବୃଦ୍ଧି କରିଛନ୍ତି। ଏହାଦ୍ୱାରା ବିଦ୍ୟୁତ୍ ଗ୍ରାହକ ଉପରେ ଅତିରିକ୍ତ ବୋଝ ଲଦି ଦିଆଯାଇଛି। କରୋନା ମାଡରେ ସାଧାରଣ ଲୋକ ତ୍ରାହିତ୍ରାହି ଡାକୁଛନ୍ତି। ଏଭଳିସ୍ଥଳେ ଦରବୃଦ୍ଧି କରି ସରକାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଶୋଷଣ କରୁଛନ୍ତି। ବର୍ଦ୍ଧିତ ବିଦ୍ୟୁତ୍ ଦେୟ ପ୍ରତ୍ୟାହାର ଦାବିରେ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ୍ ଦାଶଙ୍କ ନେତୃତ୍ୱରେ ଦଳର ବରିଷ୍ଠ ନେତା ହୁସେନ ଖାଁ, ନଗାୟଡ ବ୍ଲକ କଂଗ୍ରେସ ସଭାପତି ଫକୀର ଚରଣ ମଲ୍ଲ, ଦଳୀୟ କାର୍ଯ୍ୟକର୍ତ୍ତା ପୂର୍ଣ୍ଣଚନ୍ଦ୍ର ନାୟକ, ଅଶୋକ ନାୟକ, କାଶୀନାଥ ନାୟକ, ହାଡିବନ୍ଧୁ ମହାପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ମଙ୍ଗଳବାର ଦଶପଲ୍ଲା, ଓଡ଼ଗାଁ, ରଣପୁର, ଖଣ୍ଡପଡା ବିଦ୍ୟୁତ୍ ସବ୍‌ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ବଞ୍ଚିଲେ ନାହିଁ ମୃତ ଦଣ୍ଡୁଆ

### ଫେଲ୍ ମାରିଲା ପୂଜାର୍ଚ୍ଚନା

**ନୟାଗଡ ଅଫିସ,୫।୪**



ମୃତଦେହ ରଖି ଦଣ୍ଡ ଠାକୁରଙ୍କୁ ପୂଜାର୍ଚ୍ଚନା।

ମୃତ୍ୟୁ ମୁଖରୁ ଦଣ୍ଡୁଆଙ୍କୁ ଫେରାଇ ଆଣିବାକୁ ପୂଜାର୍ଚ୍ଚନାର ଚେଷ୍ଟା ଫେଲ ମାରିଛି। ଭକ୍ତର କଥା ରକ୍ଷା କରି ପାରିନାହାନ୍ତି ଦଣ୍ଡ ଠାକୁର। ରବିବାର ବିଳମ୍ବିତ ରାତିରେ ଦଣ୍ଡୁଆ ରବି ନାହାକ (୪୫)ଙ୍କର ମୃତଦେହକୁ ସଂସ୍କାର କରାଯାଇଛି। ଏଭଳି ଘଟଣା ନୟାଗଡ ଜିଲ୍ଲା ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ବରସାହିର ଦଳିତସାହିରେ ଘଟିଛି। ଏହି ଘଟଣାକୁ ନେଇ କୁହାଯାଇଛି ଅଧୁନିକ ଯୁଗରେ ଅନ୍ଧବିଶ୍ୱାସରୁ ମୁକୁଳି ପାରୁନାହିଁ ମଣିଷ।

ପ୍ରାପ୍ତ ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ଦଣ୍ଡୁଆ ରବି ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ରବିବାର ଭୋରୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିୟମ ଅନୁସାରେ, ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ପରେ କାରଣ ଜାଣିବାକୁ ବ୍ୟବଚ୍ଛେଦ କରାଯାଇଥାଏ। ତେବେ ଦଣ୍ଡ ଠାକୁରଙ୍କ ଭକ୍ତ କହି ବ୍ୟବଚ୍ଛେଦ ପାଇଁ ପରିବାର ଲୋକେ ମନା କରିଥିଲେ। ଗାଁକୁ ରବିଙ୍କ ମୃତଦେହକୁ ନେଇ ଦଣ୍ଡ ଠାକୁରଙ୍କ ସମ୍ମୁଖରେ ଅଧିଆ ପକାଇଥିଲେ। ବଞ୍ଚାଇବା ପାଇଁ ପୂଜା ପାଠର ଆୟୋଜନ କରାଯାଇଥିଲା। ନନ୍ଦିଘୋରରୁ ମଙ୍ଗଳା ମା'ଙ୍କ ପାଦୁକା ଆଣି ଦେହସାରା ବୋଳି ଥିଲେ। ପରେ ଗୁଣିଆଙ୍କୁ ପୂଜାର୍ଚ୍ଚନା ପାଇଁ ଡାକି ଥିଲେ। ହେଲେ ଗୁଣିଆ ଆସି ନ ଥିଲେ। କିଛି ସୁଫଳ ନ ମିଳିବାରୁ ବାଧ ହୋଇ ମୃତଦେହକୁ ଦାହ ପାଇଁ ନେଇଥିଲେ।

# ରଙ୍ଗତୂଳୀ କଳାକାରଙ୍କ ବୈଠକ

**ନୟାଗଡ଼ ଅଫିସ,୫।୪**

ଅଲ୍ ଓଡ଼ିଶା ପେଣ୍ଟିଙ୍ଗ୍ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନ୍ ନୟାଗଡ ଜିଲ୍ଲାର ଭାପୁର ଓ ଖଣ୍ଡପଡା ବ୍ଲକ କମିଟି ପକ୍ଷରୁ ରଙ୍ଗତୂଳୀ କଳାକାରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଚିତ୍ରଶିଳ୍ପୀ ବିମଳ କିଶୋର ମହାରଣା ଅଧ୍ୟକ୍ଷତାରେ ବିଜିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଅନୁଷ୍ଠିତ ବୈଠକରେ ପ୍ରଥମେ ବିଜିପୁର ଅଞ୍ଚଳର ମୃତ ରଙ୍ଗତୂଳି କଳାକାର ଜନ୍ମେଶ୍ୱର ମହାରଣାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଞ୍ଚଳର ରଙ୍ଗତୂଳୀ କଳାକାରମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରିଚୟପତ୍ର ପ୍ରଦାନ, ବର୍ଷସାରା କାମ, ସାମାଜିକ ସୁରକ୍ଷା, ସ୍ୱତନ୍ତ୍ର ରଙ୍ଗତୂଳୀ କଳାକାର କଲ୍ୟାଣ ବୋର୍ଡ ଗଠନ, ପେନସନ ବ୍ୟବସ୍ଥା, ଫ୍ଲେକ୍ସ ବ୍ୟବହାରକୁ ନିଷିଦ୍ଧ କରିବା ଆଦି ଦାବିକୁ ନେଇ ଆନ୍ଦୋଳନକୁ ବ୍ୟାପକ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ଏଥିରେ ବ୍ଲକସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ବିମଳ କିଶୋର ମହାରଣା, ଉପସଭାପତି ଜଗନ୍ନାଥ ମହାପାତ୍ର, ସମ୍ପାଦକ ଗଣେଶ୍ୱର ସାହୁ, ସହସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଏବଂ କୋଷାଧ୍ୟକ୍ଷ ପ୍ରମୋଦ କୁମାର ବରାଡଙ୍କୁ ସର୍ବସମ୍ମତ ନିର୍ବାଚିତ କରାଯାଇଛି। ଏଥରେ ସଂଘ ସାଧାରଣ ସମ୍ପାଦକ ରଞ୍ଜନ ମିଶ୍ର, ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର କୁମାର ଜେନା, ଜିଲ୍ଲା ସଂଯୋଜକ ବସନ୍ତ କୁମାର ନାୟକ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

### ବ୍ରାଉନସୁଗାର ବ୍ୟବସାୟୀ ଜେଲ ଗଲେ

**ନୟାଗଡ ଅଫିସ,୫।୪**

ବ୍ରାଉନସୁଗାର ବିକ୍ରି କରିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ସିନ୍ଦୁରିଆର ମହିଳା ବ୍ୟବସାୟୀ ଅମିନା ବିବି (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅମିନାଙ୍କୁ ସୋମବାର ନୟାଗଡ ସବ୍‌ଜେଲକୁ ପଠାଯାଇଛି। ଅମିନାଙ୍କଠାରୁ ୩.୪୭୦ମିଲିଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା। ସେ ନିଜ ଘର ବାରଣ୍ଡାରେ ବ୍ରାଉନସୁଗାର ପୁଡିଆ କରି ବିକୁଥିଲେ। ପୋଲିସ ସୋମବାର ଅପରାହ୍ନରେ ଚଢ଼ାଉ କରି ୪୬ ପୁଡିଆ ଜବତ କରିଥିଲା। ନୟାଗଡ ଅତିରିକ୍ତ ତହସିଲଦାର ସସ୍ମିତା ଶତପଥୀଙ୍କ ଉପସ୍ଥିତିରେ ଏହି ଚଢ଼ାଉ କରାଯାଇଥିଲା।

# କରୋନା ଟିକା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭିଡ଼

**ଖଣ୍ଡପଡା,୫।୪(ସ୍ୱ.ପ୍ର.)**

କରୋନା ଟିକା ନେବା ପାଇଁ ଏବେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଜନସାଧାରଣଙ୍କ ଭିଡ ଲାଗି ରହୁଥିବା ପରିଲକ୍ଷିତ ହେଉଛି। ଜନସାଧାରଣ ଘଣ୍ଟା ଘଣ୍ଟା ଧରି ସ୍ୱାସ୍ଥ୍ୟକେନ୍ଦ୍ରରେ ଗରମରେ ଅପେକ୍ଷା କରବାକୁ ପଡୁଛି। ସୋମବାର କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରେ ୪୫ବର୍ଷରୁ ଊର୍ଦ୍ଧ୍ୱ ୨୯୧ଜଣ ଓ ୬୦ବର୍ଷରୁ ଊର୍ଦ୍ଧ୍ୱ ୩୯ ଜଣଙ୍କୁ ଟିକା ଦିଆଯାଇଛି। ସେହିପରି ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ୨୪୪ ଜଣ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ୯୫ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୪୫ ବର୍ଷରୁ ଊର୍ଦ୍ଧ୍ୱ ୧୯୨ ଜଣ ଓ ୬୦ ବର୍ଷରୁ ଊର୍ଦ୍ଧ୍ୱ ୩୯ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିବା ସୂଚନା ମିଳିଛି।



ଜଣେ ବୃଦ୍ଧା ଟିକା ନେଉଛନ୍ତି।

# ମୋ ସ୍କୁଲ ଅଭିଯାନରେ ସାମିଲ ମୋଟିଭେଟର କର୍ମଶାଳା

**ଓଡ଼ଗାଁ, ୫।୪(ସ୍ୱ.ପ୍ର.)**



କର୍ମଶାଳାରେ ଯୋଗଦେଇଥିବା ମୋଟିଭେଟର।

ଓଡ଼ଗାଁ ବ୍ଲକ ସମ୍ମିଳନୀ ଗୃହରେ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇଥିବା ମୋଟିଭେଟରଙ୍କ ତାଲିମ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଦସ୍ୟ ଲୋକନାଥ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଜିଲ୍ଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ, ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଶିକ୍ଷକ ନେତା ଶେଖ୍ ଅବଦୁଲ ଖାଲିକ ଅଂଶଗ୍ରହଣ କରିଥିଲେ। ଏଥିରେ ହାତ ଗଣତି ବୁଦ୍ଧିଜୀବୀ, ଶିକ୍ଷକ ଓ ସାଧନ କେନ୍ଦ୍ର ସଂଯୋଜକ, ମନୋନୀତ ମୋଟିଭେଟର ଅଂଶଗ୍ରହଣ କରିଥିଲେ। ନୟାଗଡ଼ରୁ ପ୍ରମୋଦ ପଟ୍ଟନାୟକ ଓ ଅରୁଣ କୁମାର ମହାନ୍ତି କର୍ମଶାଳାରେ ଯୋଗଦେଇଥିବା ମୋଟିଭେଟରଙ୍କୁ ମୋ ସ୍କୁଲ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏହିକ୍ରମରେ ପ୍ରତି ସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କ ମୋବାଇଲ ଫୋନ ନମ୍ବର ସଂଗ୍ରହ କରାଯାଇ ସେମାନଙ୍କୁ ଗୋଟିଏ ଲେଖା ହ୍ୱାଟ୍‌ସ୍‌ଅପ୍ ଗ୍ରୁପରେ ଯୋଡିବା ସହିତ ସ୍କୁଲର ବିଭିନ୍ନ କାର୍ଯ୍ୟକ୍ରମରେ ନିମନ୍ତ୍ରିତ କରିବାକୁ କୁହାଯାଇଥିଲା। ଏହାଦ୍ୱାରା ସ୍କୁଲର ସାମଗ୍ରିକ ବିକାଶ ନିମନ୍ତେ ସେମାନଙ୍କୁ ସାମିଲ କରିବାରେ ସହାୟ ହୋଇପାରିବ। ସେମାନଙ୍କୁ ସ୍କୁଲ ଭିତ୍ତିଭୂମିର ବିକାଶ ନିମନ୍ତେ ଅର୍ଥ, ଶ୍ରମ, ସେବା ଓ ଆବଶ୍ୟକ ସାମଗ୍ରୀ ଦାନର ସହଭାଗିତା ସହ ପ୍ରୋତ୍ସାହିତ କରିବାକୁ ମୋଟିଭେଟରମାନେ କାର୍ଯ୍ୟ କରିବାକୁ କୁହାଯାଇଥିଲା। ହେଲେ କର୍ମଶାଳାରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ବାଦ୍ ଦିଆଯାଇଛି। ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ବ୍ଲକ ବାହାରୁ ତଥା ନିର୍ବାଚନ ମଣ୍ଡଳୀ ସ୍ତରୀୟ ମନୋନୀତ ଲୋକଙ୍କୁ ସାମିଲ କରାଯାଇଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଲୋକନାଥ ସାହୁଙ୍କ ପଚାରିବାରୁ ଏହାକୁ ସ୍ୱୀକାର କରିବା ସହ ଆଗାମୀ ଦିନରେ ବ୍ୟାପକ କରାଯିବ ବୋଲି ସେ କହିଥିଲେ।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଯୁବକ ଗିରଫ

**ବୁଗୁଡ଼ା,୫।୪(ଡି.ଏନ.ଏ.):** ବୁଗୁଡ଼ା ଥାନା ଅଞ୍ଚଳରେ ଜଣେ ୧୭ ବର୍ଷୀୟା ନାବାଳିକାକୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ସୋମବାର ସମ୍ପୃକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ପୋଲସରା ଥାନା ପାତାଳସିଙ୍ଗି ଗ୍ରାମର ଭିକାରୀ ସେଠୀ। ଏନେଇ ପୋଲିସ ନଂ. ୧୧୮/୨୧ ରେ ଏକ ମାମଲା ରୁଜୁ କରିଛି। ବୁଗୁଡ଼ା ଥାନା ଅଞ୍ଚଳର ଗତ ୧୧ ତାରିଖ ଶିବରାତ୍ରିରେ ମା'ଓ ଝିଅ ଶିବ ମନ୍ଦିରକୁ ଯାଇଥିଲେ। ଶିବଙ୍କୁ ଦର୍ଶନ କରିବା ପରେ ଝିଅର କୌଣସି ପତ୍ତା ନ ମିଳିବାରୁ ପରିବାର ଲୋକେ ଗତ ୧୮ ତାରିଖରେ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଅନ୍ତର୍ଗତ ବନ୍ଧବାହାଲ ଅଞ୍ଚଳରେ ରବିବାର ରାତିରେ ଉଭୟଙ୍କୁ ଧରିଥିଲେ। ସୋମବାର ବୁଗୁଡ଼ା ମେଡିକାଲରେ ଉଭୟଙ୍କ ପରୀକ୍ଷା କରାଯାଇଥିଲା।

# ଜିଲ୍ଲାପାଳଙ୍କ ପାଖରେ ତଦନ୍ତ ରିପୋର୍ଟ

**ନୟାଗଡ଼ ଅଫିସ,୫।୪**

### ଗୋଟିଏ ରାସ୍ତାକୁ ୨୧ ଥର ବିଲ୍ ପ୍ରସଙ୍ଗ

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଦୁର୍ନୀତିର ଅଭିଯୋଗ ଆସିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଏହାର ତଦନ୍ତ ହୋଇଥିଲା। ତଦନ୍ତ ଶେଷ ପରେ ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ବ୍ଲକର ବଡସରା ପଞ୍ଚାୟତ ଗୋପାଳପ୍ରସାଦ ଗାଁର ୮୫୦ମିଟର ରାସ୍ତାକୁ ଜଙ୍ଗଲଠାରୁ ଧଳାବନ୍ଧ ରାସ୍ତା, ଗୋପାଳପୁରଠାରୁ ଖଣି ଟ୍ୟାପ ରାସ୍ତା, ଗୋପାଳପ୍ରସାଦର ନୂଆସାହିଠାରୁ ଜଙ୍ଗଲ ରାସ୍ତା ଏପରି ଭିନ୍ନ ଭିନ୍ନ ନାଁରେ ୨୦୧୮-୧୯ ଆର୍ଥିକ ବର୍ଷରେ ୬ଥର ବିଲ୍ ହୋଇଛି। ପ୍ରତିଥର ରାସ୍ତାରେ ପ୍ରାୟ ୭ ଲକ୍ଷ ଟଙ୍କା ଲେଖାଏ ଖର୍ଚ୍ଚ ହୋଇଥିଲା। ସେହିଭଳି ୨୦୧୯-୨୦ ଆର୍ଥିକ ବର୍ଷରେ ୯ ଥର ଏହି ରାସ୍ତାକୁ ୮.୮ ଲକ୍ଷ, ୮.୦୫ ଲକ୍ଷ, ୮.୨ଲକ୍ଷ, ୭.୫୦ ଲକ୍ଷ, ୩.୪୯ଲକ୍ଷ, ୮.୨୦ ଲକ୍ଷ, ୮.୧୩ ଲକ୍ଷ, ୭.୫୮ ଲକ୍ଷ, ୭.୧୮ଲକ୍ଷ ଟଙ୍କା ଅନୁରୂପ ବିଲ୍ ହୋଇଛି। ପୁଣି ୨୦୨୦-୨୧ ଆର୍ଥିକ ବର୍ଷରେ ୮.୯୩ ଲକ୍ଷ, ୭.୬୭ଲକ୍ଷ, ୭.୫୪ଲକ୍ଷ, ୯.୮୬ଲକ୍ଷ, ୯.୨୮ ଲକ୍ଷ, ୯.୩୩ ଲକ୍ଷ ଟଙ୍କା ୬ଥର ହଡପ ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ କୁହନ୍ତି, ରାସ୍ତା ଅନିୟମିତତାର ତଦନ୍ତ ୩ଜଣିଆ ଟିମ୍ କରି ରିପୋର୍ଟ ପ୍ରଦାନ କରିଥିଲେ। ଏହାପରେ ତଦନ୍ତ ରିପୋର୍ଟକୁ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦେଇଛନ୍ତି।

### କୂପ, ଫାର୍ମ ପଣ୍ଡରେ ନ ଖୋଳି ବିଲ୍

ଭାପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଫାର୍ମପଣ୍ଡ ଓ କୂପ ନ ଖୋଳି ଫଲସ୍ ବିଲ୍ ହୋଇଛି। ଏଠାକାର ଅଞ୍ଚଳରେ ପ୍ରାୟ ୪୦ଫାର୍ମପଣ୍ଡ ଓ କୂପ ନ ଖୋଳି ଅନିୟମିତତା ହୋଇଛି। ଏହା ଜଣାପଡିବା ପରେ ଏହାକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା ଆରମ୍ଭ ହୋଇଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏହି ଚଞ୍ଚକତା ହୋଇଥିବା କୁହାଯାଉଛି। ପୋଖରୀ, ରାସ୍ତା ପରେ କୂପ, ଫାର୍ମପଣ୍ଡ ଦୁର୍ନୀତିର ତଦନ୍ତ ହୋଇନି। ଏହି ଦୁର୍ନୀତିକୁ ଘଣ୍ଟ ଘୋଡାଇବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।